ଆଜି - ଶନିବାର
ତାରିଖ - ୧୩ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୩୦
ତିଥି -ତ୍ରୟୋଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର -କୃତିକା, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୨: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ପ୍ରତ୍ୟେକ ଲୋକର ଆବଶ୍ୟକତାକୁ ମେଂଟାଇବା ପାଇଁ ପୃଥିବୀ ସବୁକିଛି ଯୋଗାଇ ଦେଇଥାଏ; କିନ୍ତୁ ଲୋଭକୁ ମେଂଟାଇବା ପାଇଁ ନୁହେଁ ।"

- ମହାତ୍ମା ଗାନ୍ଧୀ

E-News : www.Ajikali epaper.com

Vol.- 41 ISSUE- 60 R.N.I. REGD. No. 44026/86 ବାଲେଶ୍ୱର ୧୩ ଜୁନ୍ ୨୦୨୬ ଶନିବାର BALASORE 13 JUNE 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କର୍ଣାଟକ ମୁଖ୍ୟମନ୍ତ୍ରୀ ଶିବକୁମାର

ରାଜ୍ୟର ବିକାଶମୂଳକ ଯୋଜନା ସମ୍ପର୍କରେ ଗଠନମୂଳକ ଆଲୋଚନା

ନୂଆଦିଲ୍ଲୀ : କର୍ଣାଟକ ମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ରାଜ୍ୟର ବିକାଶମୂଳକ ପ୍ରାଥମିକତା ଉପରେ ଏକ ଗଠନମୂଳକ ଆଲୋଚନା ହୋଇଛି । ୩ ଜୁନ୍‌ର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ ଶିବକୁମାରଙ୍କର ଏହା ପ୍ରଥମ ସାକ୍ଷାତ୍ ଥିଲା । ପିଏମ୍‌ଓ 'ଏକ୍ସ' ରେ ଏକ ପୋଷ୍ଟ କରି କହିଛି, 'କର୍ଣାଟକର ମୁଖ୍ୟମନ୍ତ୍ରୀ ଶିବକୁମାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଛନ୍ତି' । ଶିବକୁମାର କହିଛନ୍ତି, ଭିତିଭୂମି, ପୁଞ୍ଜିନିବେଶ, ସହରୀ ଗତିଶୀଳତା, ଜଳସେଚନ, ଅଭିନବତ୍ୱ ଏବଂ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଥିବା କଲ୍ୟାଣକାରୀ ଯୋଜନା ସମେତ କର୍ଣାଟକର ବିକାଶମୂଳକ ପ୍ରାଥମିକତା ଉପରେ ମୋଦିଙ୍କ ସହ ତାଙ୍କର ସକାରାତ୍ମକ ଆଲୋଚନା ହୋଇଛି । ସେ 'ଏକ୍ସ' ରେ ଏକ ପୋଷ୍ଟରେ କହିଛନ୍ତି, "କର୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲି" । ଶିବକୁମାର କହିଛନ୍ତି, କର୍ଣାଟକ ସର୍ବଦା ଭାରତର ଅଭିବୃଦ୍ଧିରେ ଏକ ପ୍ରମୁଖ ଯୋଗଦାନକାରୀ ରହିଆସିଛି । ବିକାଶକୁ ତ୍ୱରାନ୍ୱିତ କରିବା, ଅଧିକ ସୁଯୋଗ ସୃଷ୍ଟି କରିବା ଏବଂ କର୍ଣାଟକବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଆଭିମୁଖ୍ୟ ନେଇ କେନ୍ଦ୍ର ସରକାରଙ୍କ ସହ ମିଶି କାମ କରିବାକୁ ସେ ଆଶାବାଦୀ ବୋଲି ଶିବକୁମାର କହିଛନ୍ତି । ନୀତି ଉଲ୍ଲେଖଯୋଗ୍ୟ, ନୀତି ଆୟୋଗ ଗଭର୍ନିଂ କାଉନ୍‌ସିଲର ୧୧ତମ ବୈଠକରେ ଯୋଗଦେବା ପାଇଁ ଶିବକୁମାର ଦିଲ୍ଲୀରେ ଅଛନ୍ତି ।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ବିଜେପି ସରକାରକୁ ପୂରିଛି ୨ ବର୍ଷ । ଏହି ଅବସରରେ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅନ୍ନପୂର୍ଣ୍ଣ ଯୋଜନାର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ମିଳିବ ।ଏହାସହ ଏକାଥରକେ ୩ ମାସର ଚାଉଳ ମିଳିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।ଚଳିତ ବର୍ଷ ପ୍ରାୟ୨୫ଲକ୍ଷ ମେଟ୍ରିକ ଟନ ଚାଉଳ ବଳକା ରହିବା ଅନୁମାନ କରାଯାଉଛି । ଏହି ଯୋଜନା ଅଧିନରେମୋଟ ୩ କୋଟି ୨୮ ଲକ୍ଷ ୫୮ ହଜାର ହିତାଧିକାରୀ ଉପକୃତ ହେବେ । ଏହି ଯୋଜନା ଲାଗୁ ହେବା ପରେହିତାଧିକାରୀଙ୍କୁମାସକୁ ମୁଣ୍ଡପିଛା ୧୦ କେଜି ଚାଉଳ ମିଳିବ । ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୮ ହଜାର ୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି କି,ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଭାତ ଥାଳିକୁ ସୁରକ୍ଷିତ କରିବାର ଐତିହାସିକ ସଂକଳ୍ପ ।ବିଭିନ୍ନ ସର୍ଭେ

ଆଧାରରେ ଜଣା ପଡ଼ିଲା କି ଜଣେ ବୟସ୍କ ଲୋକ ପାଇଁ ମାସକୁ୮କେଜି ଶସ୍ୟ ଆବଶ୍ୟକ ।ଅଧିକ ଚାଉଳ ପାଇଁ ବି ବିଭିନ୍ନ ସମୟରେ ଲୋକଙ୍କ ପାଖରୁ ଆବେଦନ ଆସିଥିଲା ।ତାକୁ ଆଧାର କରି ଏଭଳି ନିଷ୍ପତି ନିଆଯାଇଛି । ଧାନ ଚାଷ ପାଇଁ ସରକାର ସବୁ ସହାୟତା ଯୋଗାଇ ଦିଆଯାଉଛି ।ବର୍ଷକୁ ପିଏମ କିସାନ ଓ ସିଏମ କିସାନ ଯୋଜନାରେ ୧୦ ହଜାର ଟଙ୍କା ଦିଆଯାଉଛି । ଏହାସହ ଏହି ଅବସରରେରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ,ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ ହେଇଛି । ସୁଭଦ୍ରା ଶକ୍ତି ସମ୍ବାଦର ଶୁଭାରମ୍ଭ ମଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ଶୁକ୍ରବାରଏକାମ୍ରକାନନ ଇନଫୋସିଟି ରାସ୍ତାର ଶୁଭାରମ୍ଭହୋଇଛି । ରାଜଧାନୀ ଭୁବନେଶ୍ୱରର ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ ଓ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ଏକ ବୃହତ୍ ପଦକ୍ଷେପ ଗ୍ରହଣ କରିଛନ୍ତି ।'ଭୁବନେଶ୍ୱର ସହର ବିକାଶ ଯୋଜନା ୨୦୪୦'କୁ ଆଖି ଆଗରେ ରଖି ପ୍ରାୟ ୯୫୨.୨୬ କୋଟି ଟଙ୍କା ବ୍ୟୟରେ ଏକାଧିକ ମେଗା ସଡ଼କ,ସେତୁ ଓ ଟ୍ରାଫିକ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଜନତା ମଇଦାନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମସ୍ତ ପ୍ରକଳ୍ପଗୁଡ଼ିକର ଭୂମିପୂଜନ କରିଛନ୍ତି । ଏହି ମେଗା ଯୋଜନା ଅଧୀନରେ ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ପ୍ରମୁଖ ସଂଯୋଗୀକରଣ ରାସ୍ତାର ସମ୍ପ୍ରସାରଣ କରାଯିବ । ବିଶେଷ କରି କଳିଙ୍ଗ ଷ୍ଟାଡିୟମରୁ ରଘୁନାଥପୁର ବ୍ରିଜ ପର୍ଯ୍ୟନ୍ତ ଥିବା ବର୍ତମାନର ୬-ଲେନ୍ ବିଶିଷ୍ଟ ରାସ୍ତାକୁ ୮-ଲେନ୍ ବିଶିଷ୍ଟ କରାଯିବ,ଯାହାଫଳରେ ଗାଡ଼ି ଚଳାଚଳ ଆହୁରି ଦ୍ରୁତ ହେବ । ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ଛକ ଯେପରିକି କଳିଙ୍ଗ ହସ୍ପିଟାଲ,ଡମଣା,କିଟ୍ ଏବଂ କଳାରାହାଙ୍ଗଠାରେ ନୂତନ ଅତ୍ୟାଧୁନିକ ଫ୍ଲାଏଓଭର ନିର୍ମାଣ ପାଇଁ ବ୍ଲୁ-ପ୍ରିଂଟ ପ୍ରସ୍ତୁତ ହୋଇଛି । ଏହା ସହିତ ଜାତୀୟ ରାଜପଥ-୧୬ ଉପରେ ଏକ ସୁଦୃଶ୍ୟ ୪-ଲେନ୍ ବିଶିଷ୍ଟ ଝୁଲା ସେତୁ ନିର୍ମାଣ କରାଯିବାର ଯୋଜନା ରହିଛି । ପ୍ରାୟ ୯.୫ କିଲୋମିଟର ପରିବ୍ୟାପ୍ତ ଏହି ସାମଗ୍ରିକ ପ୍ରକଳ୍ପ ସହରର ଦୈନନ୍ଦିନ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଓଡ଼ିଶାର ଅର୍ଥନୈତିକ ଓ ସହରୀ ବିକାଶକୁ ଏକ ନୂଆ ଗତି ପ୍ରଦାନ କରିବ ବୋଲି ସରକାର ନିଷ୍ପତି ନେଇଛନ୍ତି । ସେପଟେ ଏହି ଅବସରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି କି, ଓଡ଼ିଶା ଇତିହାସରେ ଏକ ସୁବର୍ଣ୍ଣ ଦିବସ ।

ଅଳ୍ପରେ ଖବର

- ଲଗାତାର ୨ ଦିନ ହ୍ରାସ ପାଇବା ପରେ ପୁଣି ବଢ଼ିଛି ସୁନା ଦର । ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୨ ହଜାର ୯୪୦ ଟଙ୍କା ବୃଦ୍ଧି ପାଇଛି । ଫଳରେ ୨୪ କ୍ୟାରେଟ ସୁନା ଦର ୧ ଲକ୍ଷ ୪୮ ହଜାର ୫୮୦ ଟଙ୍କାରେ ପହଂଚିଛି । ୨୨ କ୍ୟାରେଟ ସୁନା ଦର ୨୭୦୦ ବୃଦ୍ଧି ପାଇ ୧ ଲକ୍ଷ ୩୬ ହଜାର ୨୦୦ରେ ପହଂଚିଛି ।
- କିମ୍ବଦନ୍ତୀ ବନ୍ଧୁକଚାଳକ ତଥା ପ୍ରଶିକ୍ଷକ ଯଶପାଲ ରାଣାଙ୍କ ଦେହାନ୍ତ ହୋଇଛି । କିଛି ସମୟ ପୂର୍ବରୁ ସେ ହୃଦଘାତର ଶିକାର ହୋଇଥିଲେ, ଯେଉଁଥିପାଇଁ ସେ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ନେତୃତ୍ୱରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂର୍ଣ୍ଣ ହୋଇଛି ।
- ପ୍ରଖ୍ୟାତ ଶୁଟର ଓ କୋଚ୍ ଜସପାଲ ରାଣାଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ବିକାଶର ଧାରା ଓଡ଼ିଶା ସାରା

ରାଜ୍ୟସରକାରଙ୍କ ଦୁଇବର୍ଷ ପୂର୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର : ରାଜ୍ୟରେ ବିଜେପି ସରକାର ଗଠନକୁ ଆଜି ଦୁଇ ବର୍ଷ ପୂରିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ଗତ ଦୁଇ ବର୍ଷରେ ସରକାରଙ୍କ ଉପଲବ୍ଧି ସମ୍ପର୍କରେ କହିବା ସହ ଆଗାମୀ ଦିନରେ ନୂଆ ଯୋଜନା ବାବଦରେ ସୂଚନା ଦେଇଛନ୍ତି । ଓଡ଼ିଶାବାସୀଙ୍କ ଅଗ୍ରଗତି ପାଇଁ ଆମେ ଆଗକୁ ବଢ଼ିଛୁ । ଡବଲ୍ ଇଞ୍ଜିନ ସରକାରର ଡବଲ ପ୍ରଭାବ ପଡ଼ିଛି । ୨ ବର୍ଷରେ ୧୨୧ଟି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ସମୃଦ୍ଧ ଓଡ଼ିଶା ଗଠନରେ ପ୍ରଭାବ ପକାଇଛି । ଆମର ନୀତି ବିକାଶର ଗତିରେ ସମସ୍ତେ ଭାଗିଦାରି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ଅଭିଭାଷଣରେ କହିଛନ୍ତି । ଓଡିଶା ବିକାଶ ପାଇଁ ସ୍ୱଷ୍ଟ ଲକ୍ଷ୍ୟ ରହିଛି । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇସାରିଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶାର ଏହି ଲକ୍ଷ୍ୟ ହାସଲ ଦିଗରେ, ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଆମକୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଉଛନ୍ତି । ଡବଲ ଇଞ୍ଜିନ୍ ସରକାରଙ୍କ ଡବଲ ଇମ୍ପାକ୍ଟ, ଓଡିଶାର ପ୍ରତ୍ୟେକ ଗାଁ ଓ ପ୍ରତ୍ୟେକ ସହରରେ ପ୍ରତିଫଳିତ ହେଉଛି । ଏହି ୨ ବର୍ଷରେ ଆମ ସରକାରଙ୍କ ପଦକ୍ଷେପ ଯୋଗୁ ବିକାଶ ଓ ସଶକ୍ତିକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତନ ଆସିଛି । ଓଡିଶାବାସୀ ବର୍ତମାନ ପୂର୍ବ ଅପେକ୍ଷା ନିଜର ଭବିଷ୍ୟତକୁ ନେଇ ଅଧିକ ଆଶାବାଦୀ ଓ ଆତ୍ମବିଶ୍ୱାସୀ ହୋଇପାରିଛନ୍ତି । ରାଜ୍ୟ ସରକାରଙ୍କ ନୀତି ହେଉଛି, ବିକାଶର ସୁଫଳରେ ସମସ୍ତେ ଭାଗୀଦାର । ବିଶେଷକରି, ଗରିବ ଲୋକର ପ୍ରଥମ ଅଧିକାର ରହିଛି । ଗତ ୨ ବର୍ଷରେ ଆମ ସରକାର ୧୨୧ଟି ନୂଆ ଯୋଜନା ଘୋଷଣା କରିଛନ୍ତି । ଯାହା ଓଡିଶାକୁ ସମୃଦ୍ଧ ଓଡିଶାର ନିକଟତର କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସିଏମ୍ ମୋହନ ମାଝୀ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ।ସେ କହିଛନ୍ତି ଯେ ପୂର୍ବ ୨୪ ବର୍ଷର କଥାକଥିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ନଥିଲା । ପ୍ରତ୍ୟେକ ଗାଁରେ ପାନୀୟ ଜଳ, ଯାତାୟାତ ପାଇଁ ରାସ୍ତା, ବିଜୁଳି ସଂଯୋଗ ଭଳି ମୌଳିକ ସୁବିଧା ନଥିଲା । ମାତ୍ର ଏହି ଐତିହାସିକ ଭୁଲକୁ ସୁଧାରିବା ପାଇଁ ଆମ ସରକାର ଅଂଟା ଭିଡିଛି ଏବଂ ଆଗାମୀ ୨୦୨୭ ଶେଷ ସୁଦ୍ଧା ସବୁ ଗ୍ରାମକୁ ମୌଳିକ ସୁବିଧା ପହଂଚାଇବା ପାଇଁ ମିଶନ ପାୱାର ଗଠନ କରିଛି । ଏହି ଦିଗରେ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି ଏବଂ ଆମେ ନିଶ୍ଚିତ ଭାବେ ସଫଳ ହେବୁ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରେଖାଙ୍କିତ କରାଯାଇଥିବା ଚାରି ବର୍ଗ ଅର୍ଥାତ୍ 'ଗରିବ, ମହିଳା, ଅନ୍ନଦାତା ଏବଂ ଯୁବବର୍ଗ'ଙ୍କ ପାଇଁ ଆମେ ପ୍ରଥମିକତା ଭିତିରେ କାର୍ଯ୍ୟ କରୁଛୁ ବୋଲି ମୋହନ ମାଝୀ କହିଛନ୍ତି । ମହିଳା ସଶକ୍ତିକରଣ: ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସମସ୍ତଙ୍କ ପାଇଁ ନାରୀଶକ୍ତି ନମସ୍ୟା । ତେଣୁ ମହିଳା ସଶକ୍ତିକରଣରୁ ଆମ ସରକାରଙ୍କ ରିପୋର୍ଟ କାର୍ଡ ଆରମ୍ଭ କରୁଛି ।

ଗିନିଜ୍ ୱାର୍ଲ୍ଡ ରେକର୍ଡ଼ ପାଇଁ ଗଣ ଯୋଗ ଅଭିଯାନରେ ସାମିଲ ହେବାକୁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର : ଆନ୍ତର୍ଜାତୀୟ ଯୋଗ ଦିବସ–୨୦୨୬ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଗଣ ଯୋଗ ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି । ମନ୍ତ୍ରୀ ତାଙ୍କ ବାର୍ତାରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଉଦ୍ୟମ ଫଳରେ ଯୋଗ ଆଜି ବିଶ୍ୱବ୍ୟାପୀ ଏକ ସ୍ୱାସ୍ଥ୍ୟ ଆନ୍ଦୋଳନରେ ପରିଣତ ହୋଇଛି । ଭାରତର ପ୍ରସ୍ତାବକୁ ସ୍ୱୀକୃତି ଦେଇ ଜାତିସଂଘ ୨୧ ଜୁନ୍କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଛି । ସେହିଦିନଠାରୁ ଯୋଗର ସାର୍ବଜନୀନ ବାର୍ତା ବିଶ୍ୱର କୋଣ ଅନୁକୋଣରେ ପହଂଚିଛି ଏବଂ କୋଟି କୋଟି ଲୋକଙ୍କ ଜୀବନଶୈଳୀର ଅଂଶ ପାଲଟିଛି । ସେ କହିଛନ୍ତି ଯେ, ଯୋଗ ହେଉଛି ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତାର ଏକ ବୈଜ୍ଞାନିକ ଓ ପ୍ରମାଣିତ ପଦ୍ଧତି । ନିୟମିତ ଯୋଗାଭ୍ୟାସ ଦ୍ୱାରା ଜୀବନଶୈଳୀଜନିତ ବିଭିନ୍ନ ରୋଗକୁ ପ୍ରତିରୋଧ କରିବା ସହ ସୁସ୍ଥ ଓ ସକ୍ରିୟ ଜୀବନଯାପନ କରାଯାଇପାରିବ । ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟ "ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ" ରଖା ଯାଇଛି । ବୟସ ବୃଦ୍ଧି ସହିତ ସୁସ୍ଥ ରହିବା, ମାନସିକ ସନ୍ତୁଳନ ବଜାୟ ରଖିବା ଏବଂ ଜୀବନର ଗୁଣାତ୍ମକ ମାନ ବୃଦ୍ଧି କରିବାରେ ଯୋଗର ଭୂମିକା ଅତୁଳନୀୟ ବୋଲି ସେ କହିଛନ୍ତି । ଆସନ୍ତା ୧୪ ଜୁନ୍ ୨୦୨୬ତାରିଖ ସକାଳ ୬ଟା ୧୫ମିନିଟ୍ରୁ ୭ଟା ୩୫ମିନିଟ୍ ପର୍ଯ୍ୟନ୍ତ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଏକ ଅନଲାଇନ୍ ଯୋଗ ଅଧିବେଶନ ଆୟୋଜନ କରାଯାଉଛି । ଏହି ଅଧିବେଶନରେ ସର୍ବାଧିକ ସଂଖ୍ୟକ ଲୋକଙ୍କ ସମକାଳୀନ ଅଂଶଗ୍ରହଣ ମାଧ୍ୟମରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିବାର ଲକ୍ଷ୍ୟ ରହିଛି ।

ଇଣ୍ଡିଆ ଏଆଇ ମିଶନର ବଡ଼ ପଦକ୍ଷେପ

ସୁଲଭ ମୂଲ୍ୟରେ ଉନ୍ନତ ଭିଡ଼ିଓ ପାଇଁ ଭାର୍ୟା ଏଆଇର ଶୁଭାରମ୍ଭ

ନୂଆଦିଲ୍ଲୀ : କୃତ୍ରିମ ବୁଦ୍ଧିମତା ଆଧାରିତ କମ୍ପାନି ଅବତାର ପକ୍ଷରୁ ସ୍ୱଦେଶୀ ଜ୍ଞାନ କୌଶଳରେ 'ଭାର୍ୟା' ନାମକ ଏକ ଭିଡିଓ ସୃଷ୍ଟିକାରୀ ଏଆଇ ମଡେଲର ବିକାଶ କରାଯାଇଛି । ଏହା ଭାରତର ନୂଆ ପିଢ଼ିର ବ୍ୟବହାରକାରୀମାନଙ୍କ ପାଇଁ ସୁଲଭ ମୂଲ୍ୟରେ, ସହଜରେ ଉନ୍ନତମାନର ଭିଡିଓ ତିଆରି କରିବାରେ ସହାୟକ ହେବ । ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଶ୍ରୀ ଏସ୍. କୃଷ୍ଣନ ଓ ଅବତାରର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଶୁଭାରମ୍ଭ କରାଯାଇଥିଲା । 'ଭାରିୟା'କୁ ଭାରତର କୌଣସି ଗୋଟିଏ ସାଧାରଣ ଅବଧାରଣାକୁ ନେଇ ନୁହେଁ, ବରଂ ଏଠାକାର ବିବିଧ ପରିବେଶ ଓ ପରିସ୍ଥିତିକୁ ଦେଖି ପ୍ରସ୍ତୁତ କରାଯାଇଛି । ଏହି ମଡେଲଟି ଭାରତର ବିଭିନ୍ନ ଅଂଚଳ, ପର୍ବପର୍ବାଣୀ, ସମ୍ପ୍ରଦାୟ, ଖାଦ୍ୟପେୟ, ପୋଷାକପତ୍ର, ସର୍ବସାଧାରଣ ସ୍ଥାନ ଏବଂ ଦୈନନ୍ଦିନ ଜୀବନକୁ ଭଲଭାବେ ବୁଝି, ଆମ ସଂସ୍କୃତି ସହ ମେଳ ଖାଉଥିବା ଭିଡିଓ ତିଆରି କରିପାରିବ । ଗାଁ ସ୍କୁଲରେ ପିଲାମାନଙ୍କ ପାଇଁ ପାଠପଢ଼ା ଭିଡିଓ ପ୍ରସ୍ତୁତ କରୁଥିବା ଜଣେ ଶିକ୍ଷକ ହୁଅନ୍ତୁ, ନିଜ ଜିନିଷର ବିଜ୍ଞାପନ ବନାଉଥିବା ଛୋଟ ବ୍ୟବସାୟୀ ହୁଅନ୍ତୁ, କିମ୍ବା ଭିଡିଓ ଜରିଆରେ ସରକାରୀ ସୂଚନା ପାଉଥିବା ଜଣେ ସାଧାରଣ ନାଗରିକ ହୁଅନ୍ତୁ - 'ଭାର୍ଯ୍ୟା'ର ଲକ୍ଷ୍ୟ ହେଉଛି ଏକ ସରଳ ଚିନ୍ତାଧାରାକୁ ଏକ ଜୀବନ୍ତ ଭିଡିଓ କାହାଣୀରେ ବଦଳାଇବା । ଏହି ସ୍ୱଦେଶୀ ଫାଉଣ୍ଡେସନ୍ ଏଆଇ କ୍ଷମତା ପ୍ରସ୍ତୁତ କରିବା ପାଇଁ 'ଇଣ୍ଡିଆଏଆଇ ମିଶନ' ଦ୍ୱାରା ମନୋନୀତ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଅବତାର ଅନ୍ୟତମ ଥିଲା । ସରକାରଙ୍କ ତରଫରୁ ରିହାତି ଦରରେ ମିଳିଥିବା ଜାତୀୟ ଏଆଇ କମ୍ପ୍ୟୁଟ୍ ଭିତିଭୂମିର ବ୍ୟବହାର କରି 'ଭାର୍ଯ୍ୟା'କୁ ବିକଶିତ କରାଯାଇପାରିଛି । ଏହା ପ୍ରମାଣିତ କରୁଛି ଯେ କେମିତି ସରକାରୀ ଏଆଇ ଭିତିଭୂମି ଆମ ଦେଶର ନିଜସ୍ୱ ନୂତନ ଉଦ୍ଭାବନ ବା ଇନୋଭେସନକୁ ଆହୁରି ଆଗକୁ ବଢ଼ାଇପାରିବ । ଆଜିକାଲି ଶିକ୍ଷା, ବ୍ୟବସାୟ, ଯୋଗାଯୋଗ ଓ କାହାଣୀ କହିବାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି ଭିଡିଓ । ଏଣୁ ସହଜରେ ଓ ସ୍ୱଳ୍ପମୂଲ୍ୟରେ ଉଚ୍ଚମାନର ଭିଡିଓ ବିଷୟବସ୍ତୁ ପ୍ରସ୍ତୁତ କରିବାର କ୍ଷମତା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ।

ସମନ୍ୱିତ ବହୁମୁଖୀ (ଆଇଆଇସି) ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଦହପଡ଼ାରେ ତୁରନ୍ତ ନିର୍ମାଣ ଦାବିରେ ବରିଷ୍ଠ ନାଗରିକମାନଙ୍କର ଗଣଧାରଣା

ବାଲେଶ୍ୱର(ନି.ପ୍ର.) ଗତ ୨୦୧୯ ମସିହାରେ ବାଲେଶ୍ୱର ଜିଲ୍ଲାର ରେମୁଣା ତହସିଲ ଅଧିନସ୍ଥ ଦହପଡ଼ା ମୌଜାରେ ୨୦ ଏକର ପରିମିତ ଉନ୍ନତ ଯୋଜନାଯୋଗ୍ୟ ଜମିକୁ ଜିଲ୍ଲା ପ୍ରଶାସନ ସମନ୍ୱିତ ବହୁମୁଖୀ (ଆଇଆଇସି) ପ୍ରକଳ୍ପ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଦର୍ଶାଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନାମରେ ପଟ୍ଟା ପ୍ରଦାନ କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମାଜରେ ଅବହେଳିତ ଓ ଦୁଃସ୍ଥ ପରିବାରର ବୟସ୍କ ବ୍ୟକ୍ତିମାନଙ୍କୁ ଥଇଥାନ କରିବା, ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ରହିବା ଓ ଚିକିତ୍ସା ଏବଂ ତୃତୀୟଲିଙ୍ଗୀମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ତାଲିମ ଦେବା ପ୍ରଭୃତି ବହୁମୁଖୀ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିବ । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦହପଡ଼ା ମୌଜାର ପୂର୍ବନିର୍ଦ୍ଧାରିତ ସ୍ଥାନକୁ ଅନୁପଯୁକ୍ତ ଦର୍ଶାଇ ନୀଳଗିରି ତହସିଲର ଜାମୁଡିହା ମୌଜାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ନୂତନ ପ୍ରସ୍ତାବିତ ଅ□ଳ ଇକୋ-

ସେନ୍‌ସିଟିଭ୍ ଜୋନ୍ ଓ ହାତୀ ସୁରକ୍ଷା କରିଡୋର୍ ଅ□ଳ ମଧ୍ୟରେ ଆସୁଅଛି । ତେଣୁ ଗତ ୨୦୧୯ ମସିହାରେ ଜିଲ୍ଲାର ଉଚ୍ଚସ୍ତରୀୟ କମିଟି ଦ୍ୱାରା ଏହି ପ୍ରକଳ୍ପ ପାଇଁ ଦହପଡ଼ା ମୌଜାର ନିର୍ଦ୍ଧାରିତ ଉନ୍ନତ ଯୋଜନାଯୋଗ୍ୟ ୨୦ ଏକର ଜମିରେ ପ୍ରକଳ୍ପ ନିର୍ମାଣ ପାଇଁ ଶୁକ୍ରବାର ସକାଳ ୮ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପ□ାୟତସ୍ତରରୁ ଶତାଧିକ ବରିଷ୍ଠ ନାଗରିକ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦେଇଥିଲେ । କୌଣସି ଉପଯୁକ୍ତ ଓ ଯୁକ୍ତିଯୁକ୍ତ କାରଣ ନଥାଇ ଏହି ପ୍ରକଳ୍ପକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରୀକରଣକୁ ଧାରଣା ସ୍ଥଳରେ ବକ୍ତାମାନେ ଦୃଢ଼ ନିନ୍ଦା କରିଥିଲେ । ଧାରଣା ସ୍ଥଳରେ ବରିଷ୍ଠ ନାଗରିକ ମ□ର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ ।

ଜିଲ୍ଲା ବରିଷ୍ଠ ନାଗରିକମ□ର ଉପଦେଷ୍ଟା ଗିରୀଶ ଚନ୍ଦ୍ର ଦାଶ, କମଳାକାନ୍ତ ବେହେରା ଓ ସୀତାରାମ ପ୍ରଧାନ, ଉପସଭାନେତ୍ରୀ ଅନସୂୟା ନାୟକ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଓକିଲ ସଂଘର ସଭାପତି ମନୋଜ ନାୟକଙ୍କ ସମେତ ବିଧାନଚନ୍ଦ୍ର ରାୟ, ଦେବେନ୍ଦ୍ର ଚୌଧୁରୀ, ବେଣୁଧର ବାରିକ, ଅର୍ଚ୍ଚନା ନନ୍ଦୀ, କୁମୁଦ ରଞ୍ଜନ ଗିରି, ଲକ୍ଷ୍ମୀନାରାୟଣ ଘୋଷ, ସୁଦର୍ଶନ ଦାସ, ମୁକ୍ତିକାନ୍ତ ଶତପଥୀ, ଶରତ କୁମାର ବିଶ୍ୱାଳ, ବିଜୟ କୁମାର ବେହେରା, ପ୍ରତିମା ପଣ୍ଡା, ଦହପଡ଼ାର ସରପ□ ପ୍ରଣତି ଜେନା, ସନ୍ତୋଷ କୁମାର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ମାୟାଧର ନାୟକ, ବୀରେନ୍ଦ୍ର ନାୟକ, ନେତ୍ରାନନ୍ଦ ରାଉତ, ଉମେଶ ଚନ୍ଦ୍ର ମହାନ୍ତି, ପ୍ରତ୍ୟୁଷ ରଞ୍ଜନ ମଣ୍ଡଳ, କମଳାକାନ୍ତ ବେହେରା, ନିରଞ୍ଜନ ପରିଡ଼ା, ଭବେଶ ଚନ୍ଦ୍ର ପଣ୍ଡା, ମହେନ୍ଦ୍ର ରାଉତ, 'ଭିଟା ମାଟି ସୁରକ୍ଷା ଆନ୍ଦୋଳନ'ର ନେତା ଅରୁଣ ଜେନା, ସୁଧାଂଶୁ ବେହେରା, ବିଜୟ କୁମାର ପ୍ରଧାନ, ନିରଞ୍ଜନ ରାଉତ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ଓ ରମେଶ ଚନ୍ଦ୍ର ଜେନା ପ୍ରମୁଖ ସେମାଙ୍କ ବକ୍ତବ୍ୟରେ ଜିଲ୍ଲା ପ୍ରଶାସନର ଏହି ଅପରିଣାମଦର୍ଶୀ ନିଷ୍ପ□କୁ ଦୃଢ଼ ବିରୋଧ କରି ପୂର୍ବ ନିର୍ଦ୍ଧାରିତ ଦହପଡ଼ା ମୌଜାରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଦୃଢ଼ ଦାବି କରିଥିଲେ । ଅନ୍ୟଥା ଜିଲ୍ଲାବାସୀ ବ୍ୟାପକ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ବକ୍ତାମାନେ ସରକାର ଓ ପ୍ରଶାସନକୁ ଚେତାବନୀ ଦେଇଥିଲେ । ଧାରଣା ସ୍ଥଳରୁ ଜିଲ୍ଲା ସମ୍ପାଦକ ଦାମୋଦର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ଜିଲ୍ଲାବାସୀଙ୍କ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ତୁରନ୍ତ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଥିଲେ । ମ□ର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଆନୁଷ୍ଠାନିକ ଭାବେ ଶାନ୍ତିପୂର୍ଣ୍ଣ ଗଣଧାରଣାକୁ ଉଦ୍‌ଘାଟନ କରିଥିଲେ । ପ୍ରଫୁଲ୍ଲ କୁମାର ଦାସ ଓ ଭରତ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶ୍ରମିକ ନେତା ଶ୍ରୀ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବାଲେଶ୍ୱର 'କଳାକ୍ଷେତ୍ର' ଠାରେ ପାଳିତ ହେଲା ଶିଳ୍ପୀ ମନୀସା ଦାସଙ୍କର ଷଷ୍ଠ ଶ୍ରାଦ୍ଧ ଦିବସ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଆଲୁମିନି କଳାକ୍ଷେତ୍ର ପକ୍ଷରୁ ଶିଳ୍ପୀ ମନୀସା ଦାସଙ୍କର ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଉକ୍ତ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ଅତିଥି ଭାବରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ, ଅଧ୍ୟାପକ ଅଜିତ କୁମାର ଜେନା, ଡକ୍ଟର ପର୍ଶୁରାମ ପଣ୍ଡା, ଆଲୁମିନିର କର୍ମକର୍ତ୍ତା ପ୍ରଦୀପ୍ତ କିଶୋର ଦାସ ଯୋଗଦାନ କରି ଦିବଂଗତ ଶିଳ୍ପୀ ମନିସାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ଦାସ କହିଲେ ଯେ, ମନିସା କଳା ମହାବିଦ୍ୟାଳୟରେ ପଢ଼ିବା ସମୟରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପ୍ରତି ସମ୍ମାନ ଓ ଚିତ୍ରକଳା ପ୍ରତି ନିଜର ଗଭୀର ରୁଚି ରଖିଥିଲେ । ଅଧ୍ୟାପକ ଅଜିତ କୁମାର ଜେନା ମନିସାଙ୍କ ଛାତ୍ରୀ ଜୀବନରେ ଚିତ୍ର ଶିକ୍ଷା ପ୍ରତି ଯେଉଁ ଦୁର୍ବଳତା ରହିଥିଲା ତାହା ପରବର୍ତ୍ତୀ ସମୟରେ କିପରି ତାଙ୍କୁ ସ୍ନାତକୋତର ମୁଦ୍ରଣ ବିଭାଗରେ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ପାଇବାର ସୌଭାଗ୍ୟ ଆଣି ଦେଇଥିଲା ତାହା ବର୍ଣ୍ଣନା କରିଥିଲେ । ଶ୍ରୀ ପ୍ରଦୀପ୍ତ କିଶୋର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିଦ୍ୟାଳୟରେ ପଢୁଥିବା ସମୟରୁ ଚିତ୍ରକଳା ଶିକ୍ଷା ଗ୍ରହଣ କରିବା ସହିତ ଚିତ୍ରକଳାର ବିଭିନ୍ନ ବିଭାଗ ପ୍ରତି ଜାଣିବାର ଆଗ୍ରହ ତାଙ୍କ ଠାରେ ପରିଲକ୍ଷିତ ହୋଇଥିଲା । ତାଙ୍କ ବିୟୋଗ ଏକ ଆକସ୍ମିକ ଘଟଣା ସତ କିନ୍ତୁ ତାଙ୍କର ଅମର ଆତ୍ମା ଆମ ନିକଟରେ ସଦା ସ୍ମରଣୀୟ ବୋଲି ସେ କହିଥିଲେ । ମନିସାଙ୍କ ବନ୍ଧୁ ଦୈତାରୀ ବେହେରା ଓ ସୁଶୋଭା ପାତ୍ର ପଢୁଥିବା ସମୟରେ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ଭଲପାଇବା ଏବଂ ବନ୍ଧୁମାନଙ୍କ ସହିତ ନିବିଡ଼ ସମ୍ପର୍କ ସ୍ଥାପନର କଳା ବିଷୟରେ କହିଥିଲେ । ସେ ଏଠାରୁ ପାଶ୍ କଲାପରେ ପୁନାରେ ଏକ କଳା ବିଦ୍ୟାଳୟ ସ୍ଥାପନ କରି ଛାତ୍ରଛାତ୍ରୀ ମାନଙ୍କୁ କଳା ଶିକ୍ଷା ପ୍ରଦାନ କରିବା ସହ କ୍ୟାନସର ଭଳି ଏକ ରୋଗରେ ପୀଡ଼ିତ ହୋଇ ଅଳ୍ପ ବୟସରୁ ଆମମାନଙ୍କ ଠାରୁ ବିଦାୟ ନେଇଥିଲେ ବି ଆମ ସ୍ମୃତିରେ ସେ ଜୀବିତ ରହିବେ ବୋଲି କହିଥିଲେ । ଶେଷରେ ଶିଳ୍ପୀ କିଶୋର ଚନ୍ଦ୍ର ନାୟକ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ ।

ଅନ୍ତର୍ଜାତୀୟ ନିଶା ନିରୋଧ ଦିବସ ଓ ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସ ପାଳନ ପାଇଁ 'ମନା'ର ଜରୁରୀ ବୈଠକ

ବାଲେଶ୍ୱର (ନି.ପ୍ର.): 'ଅନ୍ତର୍ଜାତୀୟ ନିଶା ନିରୋଧ ଦିବସ' ପ୍ରତିବର୍ଷ ଭଳି ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ଚଳିତମାସ ୨୬ ତାରିଖ ଦିନ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍ ପରିସରରେ ପାଳିତ ହେବ ଏବଂ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଆସନ୍ତା ୨୪ ତାରିଖ ଦିନ ନେଳିଆବାଗସ୍ଥିତ 'ମନା' କାର୍ଯ୍ୟାଳୟରେ ପାଳିତ ହେବ । ଶୁକ୍ରବାରଦିନ ଅପରାହ୍ନରେ 'ମନା'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । 'ମନା'ର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ସନ୍ଦିପ କୁମାର ସିଂହ ଓ ଜଗନ୍ନାଥ ସାହୁଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା ।

ଏହି ବୈଠକରେ ଜିଲ୍ଲା କମିଟିର ବରିଷ୍ଠ ଉପଦେଷ୍ଟା ସୁବ୍ରତ କର, ତ୍ରିଦୀବ କୁମାର ନାୟକ, ଭାରତୀ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ସଂଜୟ କୁମାର ପଣ୍ଡା, ଶଶାଙ୍କ ଶେଖର ଦ□, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାସ୍କର ମିଶ୍ର, ରମେଶ ଚନ୍ଦ୍ର ଜେନା, ଶଚୀନ୍ଦ୍ର ଦାସ, ବେଣୁଧର ସାହୁ, ମୀନା ସେଠୀ, ବସନ୍ତ ପ୍ରଧାନ, ଶ୍ୟାମସୁନ୍ଦର ଜେନା, ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଅନନ୍ତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ବୈଠକର ଉଦ୍ଦେଶ୍ୟ ଓ ଗତ ବୈଠକର ବିବରଣୀ ଉପସ୍ଥାପିତ କରିଥିଲେ । କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ପାଠ କରିଥିଲେ । ଶେଷରେ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.): ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ କାର୍ଯ୍ୟଦକ୍ଷତାକୁ କଡ଼ା ସମାଲୋଚନା କରାଯାଇଛି । କଂଗ୍ରେସ ନେତାମାନେ ଏହି ଦୁଇ ବର୍ଷକୁ "ବିଫଳତାର ଦୁଇ ବର୍ଷ" ଏବଂ "କଳା ଶାସନର ଦୁଇ ବର୍ଷ" ବୋଲି ଅଭିହିତ କରିଛନ୍ତି ।ସମ୍ମିଳନୀରେ କୁହାଯାଇଥିଲା ଯେ, ରାଜ୍ୟରେ ଆଇନ-ଶୃଙ୍ଖଳା ପରିସ୍ଥିତି ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦିନ ଦ୍ୱିପ୍ରହରରେ ହତ୍ୟା, ଲୁଣ୍ଠନ ଭଳି ଅପରାଧ ଘଟୁଥିବା ବେଳେ ଜାତୀୟ ସ୍ତରରେ ଓଡ଼ିଶାର ଅପରାଧ ହାର ବୃଦ୍ଧି ପାଉଛି । ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା ଯୋଗୁଁ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି । ନାରୀ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସରକାର ବିଫଳ ହୋଇଥିବା ଅଭିଯୋଗ ମଧ କରାଯାଇଥିଲା । କଂଗ୍ରେସ ନେତାମାନେ କହିଥିଲେ ଯେ, ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ତିନି ମାସ ଧରି ଭତ୍ତା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି । ଭତ୍ତା ଟଙ୍କା ଉପରେ ନିର୍ଭର କରି ଔଷଧ କିଣୁଥିବା ଅନେକ ଲୋକ ଏହାର ପ୍ରଭାବରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧାନ ମଣ୍ଡିରେ କଟନି-ଛଟନି ବନ୍ଦ କରିବାର ପ୍ରତିଶ୍ରୁତି ସତ୍ତ୍ୱେ ଚାଷୀମାନେ କ୍ୱି□ାଲ ପିଛା ୧୦ କିଲୋଗ୍ରାମ ପର୍ଯ୍ୟନ୍ତ କଟନିର ଶିକାର ହେଉଥିବା ଏବଂ 'ପେପର ଟ୍ରାଞ୍ଜାକ୍ସନ' ନାମରେ ଦୁର୍ନୀତି ଚାଲିଥିବା ଅଭିଯୋଗ କରାଯାଇଥିଲା । ଏଥିସହ ଲଘୁ ଖଣିଜ ଚୋରା ଚାଲାଣ ମଧ ବଢ଼ିଥିବା କଥା କୁହାଯାଇଥିଲା ।ନିର୍ବାଚନ ପୂର୍ବରୁ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇନଥିବା ଦର୍ଶାଇ କଂଗ୍ରେସ କହିଥିଲା ଯେ, ଚିଟଫଣ୍ଡ ନିବେଶକଙ୍କ ଅର୍ଥ ଫେରସ୍ତ, ୩୦୦ ୟୁନିଟ ବିଦ୍ୟୁତ ମାଗଣା ଯୋଗାଣ ଏବଂ ମଦମୁକ୍ତ ଓଡ଼ିଶା ଭଳି ପ୍ରତିଶ୍ରୁତି କେବଳ କାଗଜ-କଲମରେ ସୀମିତ ରହିଛି । ସ୍ମାର୍ଟ ମିଟର ବ୍ୟବସ୍ଥା ମାଧ୍ୟମରେ ବିଦ୍ୟୁତ ଉପଭୋକ୍ତାଙ୍କୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡୁଥିବା ଅଭିଯୋଗ ମଧ ଉଠାଯାଇଥିଲା ।

ବାଲେଶ୍ୱର ଜିଲ୍ଲା ପ୍ରସଙ୍ଗରେ କଂଗ୍ରେସ ନେତାମାନେ କହିଥିଲେ ଯେ, ଏବିଭିପି ଛାତ୍ରନେତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଘଟଣାରେ ସରକାର ନ୍ୟାୟ ଓ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି । ଦୁଇ ବର୍ଷ ହେଲେ ମଧ ବାଲେଶ୍ୱରକୁ ମହାନଗର ନିଗମର ମାନ୍ୟତା ମିଳିନଥିବା ବେଳେ ଜିଲ୍ଲା ମନ୍ତ୍ରୀ ପଦ ମଧ ଖାଲି ରହିଛି ।ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରସଙ୍ଗରେ ମଧ ସରକାରଙ୍କୁ ଟାର୍ଗେଟ କରି କଂଗ୍ରେସ କହିଥିଲା ଯେ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ହେବା ପରେ ମଧ ସ୍ଥାନୀୟ ବିଜେପି

ସାଂସଦ ଓ ବିଧାୟକମାନଙ୍କ ନିରବତା ବାଲେଶ୍ୱରର ସ୍ୱାଭିମାନ ପ୍ରତି ଉପହାସ ସଦୃଶ ବୋଲି ଅଭିଯୋଗ କରାଯାଇଥିଲା ।ସୁବର୍ଣ୍ଣରେଖା ସଂସ୍କାର ଯୋଜନା, କୋଷ୍ଟ କେନାଲ ପୁନରୁଦ୍ଧାର, ଶିଳ୍ପାୟନ ଏବଂ ନିଯୁକ୍ତି ସୃଷ୍ଟି ଭଳି ପ୍ରସଙ୍ଗରେ ମଧ ସରକାର ଆଶାନୁରୂପ କାର୍ଯ୍ୟ କରିନଥିବା ଦାବି କରାଯାଇଥିଲା । ମତ୍ସ୍ୟଜୀବୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଏବଂ ସହରର ଜଳନିଷ୍କାସନ ସମସ୍ୟାର ସମାଧାନ କ୍ଷେତ୍ରରେ ମଧ ସରକାର ବିଫଳ ହୋଇଥିବା ଅଭିଯୋଗ କରାଯାଇଥିଲା ।କଂଗ୍ରେସ ନେତାମାନେ କହିଥିଲେ ଯେ, ସରକାରର ଏହି ସମସ୍ତ ବିଫଳତାକୁ ନେଇ ଦଳ ଆଗାମୀ ଦିନରେ ଜନସାଧାରଣଙ୍କ ନିକଟକୁ ଯିବ ଏବଂ ଜନଆନ୍ଦୋଳନକୁ ଜୋରଦାର କରିବ ।ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି ଓ ପ୍ରତିମା ପଣ୍ଡା, ଜିଲ୍ଲା ଦଳିତ ସେଲ୍ ସଭାପତି ବିଧାନ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ଦେବଦତ ଦାସ, ନିଶିଥ ବାରିକ, ପିସିସି ସଦସ୍ୟ ତରୁଣ ଦାସ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

TPNODL ପକ୍ଷରୁ ରାଇରଙ୍ଗପୁରରେ ନୂତନ ମିଟରିଂ ଷ୍ଟୋର ଉଦ୍‌ଘାଟିତ

ବାଲେଶ୍ୱର, (ନି.ପ୍ର.): ଉପଭୋକ୍ତାମାନଙ୍କୁ ଅଧିକ ସୁବିଧାଜନକ ଏବଂ ଗୁଣାତ୍ମକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ଆଜି ରାଇରଙ୍ଗପୁରରେ ନିଜର ଚତୁର୍ଥ ମିଟରିଂ ଷ୍ଟୋରର ଉଦ୍ଘାଟନ କରିଛି । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଶୁକ୍ରବାର ଦିନ ଟିପିଏନଓଡିଏଲ୍ ଅପରେସନ ମୁଖ୍ୟ ନିଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ ପଣ୍ଡା ଓ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦ୍ଘାଟନ କରିଛନ୍ତି । ଉତର ଓଡ଼ିଶାରେ ମୋଟ ୧୩ଟି ମିଟରିଂ ଷ୍ଟୋର ସ୍ଥାପନ କରିବା ନେଇ ଟିପିଏନଓଡିଏଲ୍ ଯୋଜନା ରଖିଥିବାବେଳେ ରାଇରଙ୍ଗପୁରରେ ଚତୁର୍ଥ ଷ୍ଟୋର ଲୋକାର୍ପିତ ହୋଇଛି । ପ୍ରଥମ ମିଟରିଂ ଷ୍ଟୋର ୨୦୨୫ ଅଗଷ୍ଟରେ ବାଲେଶ୍ୱରର ବାଲିଆରେ ଉଦ୍ଘାଟିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଆନନ୍ଦପୁରରେ ଦୁଇଟି ଷ୍ଟୋର ଲୋକାର୍ପିତ ହୋଇଥିଲା । ଖୁବଶୀଘ୍ର ଆଉ ୯ଟି ମିଟରିଂ ଷ୍ଟୋର କାର୍ଯ୍ୟକ୍ଷମ କରିବା ନେଇ ଟିପିଏନଓଡିଏଲ୍ ଯୋଜନା ରଖିଛି ।ଏହା ଦ୍ୱାରା ଉପଭୋକ୍ତାମାନେ ନିଜ ଅଂଚଳରେ ସହଜରେ ମିଟର ସମ୍ବନ୍ଧୀୟ ସେବା ଓ ସହାୟତା ପାଇପାରିବେ ।ଏହି ଅବସରରେ ସିଇଓ ଶ୍ରୀ ତ୍ୟାଗୀ କହିଥିଲେ, "ଆମର ମିଟରିଂ ଷ୍ଟୋରଗୁଡ଼ିକ ଉପଭକ୍ତାଙ୍କୁ ଉତମ, ସଠିକ୍ ଏବଂ ସୁବିଧାଜନକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ସ୍ଥାପିତ ହୋଇଛି । ଏହି ପଦକ୍ଷେପ ଆମର ସେବା ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ଏବଂ ପ୍ରତ୍ୟେକ ଗ୍ରାହକଙ୍କୁ ସହଜରେ ମିଟରିଂ ସମସ୍ୟା ନେଇ ସମାଧାନ ଉପଲବ୍ଧ କରିବ ।"ଏହି ମିଟରିଂ ଷ୍ଟୋରଗୁଡ଼ିକୁ ସ୍ଥାନୀୟ ଅଂଚଳରେ ସେବା କେନ୍ଦ୍ର ଭାବେ ବିକଶିତ କରାଯାଇଛି, ଯେଉଁଠାରେ ଗ୍ରାହକମାନେ ମିଟର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇପାରିବେ । ଏହା ଦ୍ୱାରା ମିଟର ସମ୍ବନ୍ଧୀୟ ସହାୟତା ପାଇଁ ଗ୍ରାହକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ପ୍ରତ୍ୟେକ ଷ୍ଟୋରରେ 'ଅବଲୋକନ' ନାମରେ ଏକ ଟେଷ୍ଟିଂ ବେଂଚ ବ୍ୟବସ୍ଥା ରହିଛି, ଯାହା ମାଧ୍ୟମରେ ମିଟରର ସଠିକତା ପରୀକ୍ଷା କରାଯାଇପାରିବ । ଏହା ଗ୍ରାହକଙ୍କ ମଧ୍ୟରେ ବିଲିଂ ପ୍ରକ୍ରିୟା ପ୍ରତି ବିଶ୍ୱାସ ବୃଦ୍ଧି କରିବା ସହ ବିବାଦ ହ୍ରାସ କରିବ । ଏଥିସହିତ ମିଟର ସ୍ଥାପନ, ମିଟର ପରିବର୍ତ୍ତନ ଏବଂ ବିଲିଂ ସହାୟତା ଭଳି ସେବା ମଧ ଏହି ଷ୍ଟୋରରେ ଏକ ସ୍ଥାନରେ ଉପଲବ୍ଧ ହେବ ।

ଓଜେଇରେ ସଫଳତା ପାଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର/ଖଇରା (ନି.ପ୍ର.) ପ୍ରକାଶ ପାଇଥିବା ଚଳିତ ଜଏଂଟ ଏଂଟ୍ରାନ୍ସ ପରୀକ୍ଷାଫଳ ରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ବର୍ତନା ଗ୍ରାମ ପଂଚାୟତ ଅଧିନସ୍ଥ କୁସୁମା ସ୍ଥିତ ଗ୍ରାମର ପିତା ଶ୍ରୀ ବ୍ରହ୍ମାନନ୍ଦ ପ୍ରଧାନ ମାତା ଶ୍ରୀମତୀ ଜ୍ୟୋତି ଲେଖା ପ୍ରଧାନ ଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀ ଓମ ପ୍ରକାଶ ପ୍ରଧାନ ରାଜ୍ୟ ସ୍ତର ରେ ପଂଚମ ସ୍ଥାନ ଅଧିକାର କରିଛନ୍ତି.ଏହି ପରିପ୍ରେକ୍ଷୀରେ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତା ଜଣାଇଛନ୍ତି.ବାଲେଶ୍ୱର ଜିଲ୍ଲା ସାଇସତ୍ୟଜିତ ଟ୍ରଷ୍ଟ ତରଫରୁ ସଭାପତି ଅବିନାଶ ମହାପାତ୍ର, ଉପସଭାପତି ଦୀପକ



ମହାପାତ୍ର, ବରିଷ୍ଠ ସଦସ୍ୟ ଶ୍ରୀଧର ମହାପାତ୍ର, ବିଜେପି ମହିଳା ନେତ୍ରୀ ଦିବ୍ୟାଭାରତୀ ଜେନା, ଜିଲ୍ଲା ବିଜେପି ମହିଳା ନେତ୍ରୀ ପଦ୍ମିନୀ ଅଧିକାରୀ ପ୍ରମୁଖ ଓମ ପ୍ରକାଶ ପ୍ରଧାନ ଙ୍କ ବର୍ତନା କୁସୁମା ବାସଭବନ କୁ ଯାଇ ସମ୍ବର୍ଦ୍ଧନା କରିବା ସହିତ ଶୁଭେଚ୍ଛା ଜଣାଇ ଛନ୍ତି. ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଓଡିଶା ସରକାର ଙ୍କ ଆଇନ ମନ୍ତ୍ରୀ ଙ୍କ ସହିତ ସାଂସଦ ଓ ଅନେକ ବିଧାୟକ ମାନେ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି.ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁମଧ ଶୁଭେଚ୍ଛା ଓ ଶୁଭକାମନା ଜଣାଇ ଥିବା ପ୍ରକାଶ.ଓମ ପ୍ରକାଶ ଙ୍କ ବଡବାପା ହରେକୃଷ୍ଣ ପ୍ରଧାନ ବଡ଼ମାଆ କୁମୁଦିନୀ ପ୍ରଧାନ ଆଗାମୀ ଦିନରେ ପ୍ରଶାସନିକ ସେବା ଦେବା ପାଇଁ ପ୍ରୟାସ ଜାରି ରଖିବେବୋଲି ମତ ପ୍ରକାଶ କରିଛନ୍ତି ।

ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ ରଥର ଶୁଭ ଉଦ୍‌ଘାଟନ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଏବଂ ଏହି ସମ୍ବନ୍ଧିତ ଆଇନଗତ ବ୍ୟବସ୍ଥା ବିଷୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏକ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ଏକ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ' ଏବଂ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରାଲି'ର ଶୁଭ ଉଦ୍ଘାଟନ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସଞ୍ଜୟ ଶେଖର ପ୍ରଧାନ, ଅତିରିକ୍ତ ଶ୍ରମ ଅଧିକାରୀ ସୁଶ୍ରୀ ସୈଳସୁତା ଦାସ, ରଶ୍ମି ରଂଜନ ସ୍ୱାଇଁ, ବାସୁଦେବ ପଣ୍ଡା,, ସାହେବାଙ୍ଗି ହେମ୍ବ୍ରମ, ଆଇନଜୀବୀ ତଥା ଜୁଭେନାଇଲ ସଦସ୍ୟ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ରଥ, ଭାର ପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ,

ବିଭାଗୀୟ କର୍ମକର୍ତ୍ତା,ସେଚ୍ଛାସେବୀ,ଗଣମାଧମର ପ୍ରତିନିଧି ପ୍ରମୁଖଙ୍କ ଉପସ୍ଥିତିରେ ଶିଶୁ ଶ୍ରମିକ ନିଷେଧ ଆଇନ ଓ ଶୃଙ୍ଖଳା ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଛି । ଏହି ସଚେତନତା ରାଲିଟି ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଶ୍ରମିକ କ୍ଷତି ପୂରଣ ଆୟୁକ୍ତ କାର୍ଯ୍ୟାଳୟ ଙ୍କ ପରିସରରୁ ବାହାରି ସହର ପରିକ୍ରମା କରିବା ସହ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଉଦ୍ ?ଯାପିତ ହୋଇଛି ।ଶିଶୁଙ୍କ ଅଧିକାର ଶିକ୍ଷା ଶ୍ରମ ନୁହେଁ 'ଶିଶୁ ଶ୍ରମ ମୁକ୍ତ ଓଡ଼ିଶା – ଆମର ସଂକଳ୍ପ'ପାଇଁ ଏହି ପକ୍ଷ ଜନ ସଚେତନତା ଅଭିଯାନ ଜାରି ରହିଛି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଏହି ଜନହିତକର କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ସମାଜରେ ଏହାର ବ୍ୟାପକ ପ୍ରଭାବ ସମାଜରେ ଶିଶୁ ଶ୍ରମିକ ପ୍ରଥା ଏକ ସାମାଜିକ ବ୍ୟାଧି ଏହାର ବିଲୋପ ପାଇଁ ସମସ୍ତେ ଉଦ୍ୟମ କରିବା ସହ ଉଭୟ ବେଦ୍ୟୁତିକ ଏବଂ ମୁଦ୍ରିତ ଗଣମାଧମର ପ୍ରତିନିଧିମାନଙ୍କୁ ଏହି ସଚେତନତା ଅଭିଯାନର ବ୍ୟାପକ ପ୍ରଚାର ଓ ପ୍ରସାର କରିବାକୁ ବିନମ୍ର ନିବେଦନ ଯେପରି ଏହି ଆଇନଗତ ସଚେତନତା ବାର୍ତ୍ତା ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଂଚିପାରିବ ।

ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ସଭାଗୃହରେ ବିଶ୍ୱ ଶିଶୁ ଶ୍ରମିକ ଉଚ୍ଛେଦ ଦିବସ ପାଳିତ

ନୂଆପଡା(ନିପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଖଡ଼ିଆଳ ବ୍ଲକ ସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ସଭାଗୃହରେ ବିଶ୍ୱ ଶିଶୁ ଶ୍ରମିକ ଉଚ୍ଛେତ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଥମେ ଏକ ଶୋଭାଯାତ୍ରା ବ୍ଲକ୍ ଛକରୁ ଆରମ୍ଭ ହୋଇ ଶିଶୁ ଶ୍ରମିକ ଉଚ୍ଛେତ ଉପରେ ସ୍ଲୋଗାନ ଦେଇ ଥାନା ଛକ ପର୍ଯ୍ୟନ୍ତ ଚାଲିଥିଲା । ଏହାକୁ ପ୍ରାଧିକରଣ ର ସଚିବ ଓ ବରିଷ୍ଠ ଦେୱାନୀ ଜଜ ତଥା ତାଲୁକ ଆଇନ ସେବା ସମିତି, ଖଡ଼ିଆଳର ଅଧକ୍ଷା ଇଶା ପତି, ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଶ୍ରମ ଅଧିକାରୀ ଓ ଅନ୍ୟ ମାନେ ଶୁଭାରମ୍ଭ କରିଥିଲେ । ତଦୁପରାନ୍ତେ ଶିଶୁ ଶ୍ରମିକ ଉଚ୍ଛେଦ ଆଇନ, ଜାତୀୟ

ଆଇନ ସେବା ପ୍ରାଧିକରଣର ଆଶା ଯୋଜନା ଓ ସେବା ବନାମ ଭାରତ ସଂଘ (୨୦୨୪) ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ସମ୍ବନ୍ଧିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ନୂଆପଡ଼ା ବିଭାଗୀୟ ଶ୍ରମ ଆୟୁକ୍ତି ରବୀନ୍ଦ୍ର ବାର୍ଲା, ଜିଲ୍ଲା ଶ୍ରମ ଅଧିକାରୀ ନୂଆପଡ଼ା ଜସ୍ମିନ୍ ସାହୁ, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ସହକାରୀ ଶ୍ରମ ଅଧିକାରୀ ନିଖିଳ ଅଗ୍ରୱାଲ ଓ ମୁରଲୀଧର ପକଲ, ପୂର୍ବତନ ଶିଶୁ କଲ୍ୟାଣ ସମିତି ଅଧକ୍ଷ ଫଣିନ୍ଦମ୍ ସିଂହ ଦେଓ, ଶିଶୁ କଲ୍ୟାଣ ସମିତି ସଦସ୍ୟ ଗଙ୍ଗାଧର ପାଣିଗ୍ରାହୀ, ମହିଳା ଓ ଶିଶୁ ବିଭାଗ ରେ ଚାଲୁଥିବା ଶିଶୁ ହେଲ୍ପଲାଇନର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ସାହୁ ଓ ଶ୍ରମବାହିନୀର ସୁରେନ୍ଦ୍ର ଛତ୍ରିଆ, ପ୍ରେସକ୍ଲବ ସଭାପତି ଅଜିତ ପଣ୍ଡା, କଂଟାବାଞ୍ଜି ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଅଧକ୍ଷ ଡ. ପଦ୍ମଲୋଚନ ବର୍ମା, ସ୍ୱେଚ୍ଛାସବୀ ସୋମନାଥ ସେନାପତି ସମେତ ଅନେକ ସ୍ୱେଷା ସେବୀ, ଛାତ୍ରଛାତ୍ରୀ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ପ୍ରମୁଖ ଯୋଗଦେଇ ବର୍ତମାନ ସଚେତନତା ଦ୍ୱାରା ଶିଶୁ ଶ୍ରମିକ ଉଚ୍ଛେଦ କରିବା ନାଗରିକଙ୍କ କର୍ତବ୍ୟ ଅଟେ ବୋଲି ମତବ୍ୟକ୍ତି କରିଥିଲେ । ଏହି ଅବସରରେ ପ୍ରାଧିକରଣର ସଚିବ ନବନୀତା ଦାଶ ଶିଶୁ ଶ୍ରମିକ ନିରାକରଣ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଭୂମିକା ତଥା ଶିଶୁ ମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ମାଗଣା ଆଇନ ସେବା ବିଷୟରେ ଆଲୋକପାତ କରିଥିଲେ ଏବଂ ଶିଶୁ ମାନଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟକ୍ଷେତ୍ରରେ ନିୟୋଜିତକରି ତାଙ୍କର ଶିକ୍ଷା ଗ୍ରହଣ ଅଧିକାରରୁ ବଂଚିତ ନ କରିବାକୁ ଆହ୍ୱାନ କରିଥିଲେ । ନୂଆପଡ଼ା ବିଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା ଶିଶୁ ଶ୍ରମିକ ଉଚ୍ଛେଦ ଆଇନ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ବେଆଇନ ଭାବେ ନିଯୁକ୍ତ ଶିଶୁ ଶ୍ରମିକଙ୍କ ଉଦ୍ଧାର ଓ ଥଇଥାନ ବିଷୟରେ ଆଲୋଚନା କରିଥିଲେ । ଖଡ଼ିଆଳ ଓକିଲ ସଂଘର ଅଧିବକ୍ତା ଆଲୋକ ତିୱାରୀ ଆଶା ଯୋଜନା ଅନ୍ତର୍ଗତ ସେବା ବନାମ ଭାରତ ସଂଘ (୨୦୨୪) ବିଷୟରେ ଆଲୋଚନା କରିଥିଲେ । ଯେ କୌଣସି ଜାଗାରେ ଶିଶୁ ଶ୍ରମିକ ଅବା ଶିଶୁ ଭିକ ମଗୁଥିବାର ଦେଖିବେ ୧୦୯୮ ହେଲ୍ପ ଲାଇନ ରେ କଲ କଲେ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ପାରିବ ବୋଲି କହିଥିଲେ ।

ପାରାମେଡିକାଲ୍ କର୍ମଚାରୀ ନିଯୁକ୍ତି ସମ୍ବନ୍ଧିତ ତଦନ୍ତ ପାଇଁ ଏମସିଏଲ୍‌ର ନିର୍ଦ୍ଦେଶ

ତାଳଚେର(ନିପ୍ର) : ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ସେବା ପ୍ରଦାନକାରୀ ସଂସ୍ଥା 'ମେସର୍ସ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ' ଦ୍ୱାରା ନିଯୁକ୍ତି କରାଯାଇଥିବା ପାରାମେଡିକାଲ୍ କର୍ମଚାରୀଙ୍କ ଜାଲ୍/ ନକଲି ଶିକ୍ଷାଗତ ଓ ଯୋଗ୍ୟତା ପ୍ରମାଣପତ୍ର ଯାଂଚ ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଏକ ୫ ଜଣିଆ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି ସମଗ୍ର ବିଷୟର ବିସ୍ତୃତ ତଦନ୍ତ କରିବା, ସେବା ପ୍ରଦାନକାରୀ ସଂସ୍ଥା ଏବଂ ଅନ୍ୟ କାହାର ଯଦି ଏଥିରେ ସଂପୃକ୍ତି ଥାଏ ତେବେ ସେମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ରୋକିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟର୍ (ଌଙଚ) ସମେତ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ନେବାପାଇଁ କମିଟିକୁ ଦାୟିତ୍ୱ ଦିଆଯାଇଛି । ଏହି କମିଟିକୁ ଆସନ୍ତା ତିନି (୦୩) ଦିନ ମଧ୍ୟରେ ଏମସିଏଲ୍ ?ର ନିର୍ଦ୍ଦେଶକ (ମାନବ ସମ୍ବଳ)ଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଏମସିଏଲ୍ ପକ୍ଷରୁ କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ଉଌଜ) କାର୍ଯ୍ୟକ୍ରମ ଅଧୀନରେ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲର ଭିତିଭୂମି ନିର୍ମାଣ କରାଯାଇଥିଲା । ଡିସେମ୍ବର ୨୦୨୩ ରେ ଏହି ହସ୍ପିଟାଲକୁ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ, ପ୍ରାରମ୍ଭିକ ବ୍ୟବସ୍ଥାଗତ ଆବଶ୍ୟକତା ତଥା ହସ୍ପିଟାଲର ସୁଚାରୁ ପରିଚାଳନା ନିଶ୍ଚିତ କରିବା ପାଇଁ ଏମସିଏଲ୍ ଦ୍ୱାରା ପାରାମେଡିକାଲ କର୍ମଚାରୀ ନିଯୁକ୍ତି ସହିତ ସମସ୍ତ ପ୍ରକାରର ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆ ଯାଉଛି ।

ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଂଟନ ପ୍ରତିଯୋଗିତା ଅନୁଷ୍ଠିତ

ନୂଆପଡ଼ା(ନିପ୍ର) : ଏକ ଦିବସୀୟ ଆନ୍ତଃ ଜିଲ୍ଲା ସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଉଦ୍‌ଘାଟନୀ ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, ସରୋଜ କୁମାର ସାହୁ(ଭୈରବ) ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲାପାଳ ନିଜର କର୍ମମୟ ଜୀବନର ଫାଙ୍କା ସମୟରେ ଖେଳ ପ୍ରେମୀଙ୍କୁ ଉତ୍ସାହିତ କରିବା ସହ ବ୍ୟାଡମିଂଟନ ଖେଳିବା ପାଇଁ ଆହ୍ୱାନ କରିଥିଲେ । ଯୁବକ ଯୁବତୀ ତଥା ସମସ୍ତ ବୟସ୍କ ବନ୍ଧୁ ମାନଙ୍କୁ ଅନୁରୋଧ କରିଥିଲେ ଆପଣ ମାନେ ମଧ୍ୟ ଏହି ସୁନ୍ଦର ଖେଳ ଖେଳି ନିଜର ସ୍ୱାସ୍ଥ୍ୟକୁ ସୁନ୍ଦର ରଖି ପାରିବେ।ଅନ୍ୟ ଜିଲ୍ଲାରୁ ଆସିଥିବା ସମସ୍ତ ଖେଳାଳି ମାନଙ୍କୁ ସ୍ୱାଗତ ଏଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ଣ୍ଣାମେଂଟ ଆମ ନୂଆପଡାର ବ୍ୟାଡମିଂଟନ ପ୍ରତି ଭଲ ପାଇବାର ଓ ନୂତନ କିଛି ଜାଣିବାର ଜିଜ୍ଞାସା ଟାଣି ଆଣିଥାଏ ଖେଳ ଖେଳାଳିଙ୍କୁ ଭଲ ପାଉଥିବା ମଣିଷଙ୍କୁ । ଭୈରବ ସାହୁ ଜିଲ୍ଲା କ୍ରିକେଟ୍ ସଂଘର ସମ୍ପାଦକ ହେଲେ ଅନ୍ୟ ଖେଳ ଓ ଖେଳାଳିଙ୍କ ପ୍ରତି ମଧ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି । ଆନ୍ତଃ ରାଜ୍ୟସ୍ତରୀୟ ବେଡମିଂଟନ୍ ପ୍ରତିଯୋଗୀତା ପାଇଁ ନିଷ୍ପତି ନେଇ ସମସ୍ତ ସୁବିଧା ଯୋଗାଇଦେବେ ପ୍ରତିଶ୍ରୁତି । ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଯାଜପୁର(ନିପ୍ର) : ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ତଦନ୍ତ ରିପୋର୍ଟ ସମ୍ବନ୍ଧୀୟ ଫାଇଲ ନିଖୋଜ ଘଟଣାକୁ ନେଇ ଯାଜପୁରରେ ତେଜିଛି ପ୍ରତିକ୍ରିୟା । ଏହି ପ୍ରସଙ୍ଗରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି । ସରକାର ତୁରନ୍ତ ନିଖୋଜ ଫାଇଲର ସନ୍ଧାନ କରି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରନ୍ତୁ ବୋଲି ଦାବି କରିଛନ୍ତି ସଂଗଠନର ନେତୃବୃନ୍ଦ । ଦାବି ପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲ୍ଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ପ୍ରଭାତ କୁମାର ମଲ୍ଲିକ, ବାଦଲ କୁମାର ନାୟକ ଓ ଗୌତମ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେମାନେ କହିଥିଲେ ଯେ, ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ପବିତ୍ର ଜନ୍ମାଷ୍ଟମୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଷଡଯନ୍ତ୍ର କରି ହତ୍ୟା କରାଯାଇଥିଲା । ଘଟଣାର ତଦନ୍ତ ହୋଇଥିଲେ ମଧ୍ୟ ରିପୋର୍ଟକୁ ସାର୍ବଜନୀନ କରାଯାଇନଥିବା ଅଭିଯୋଗ କରିଛନ୍ତି ସଂଗଠନର କର୍ମକର୍ତା । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୨୦୨୪ ମସିହାରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ହିନ୍ଦୁ ସମାଜ ଆଶା କରିଥିଲା ଯେ ଏହି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ । କିନ୍ତୁ ତାହା ଅଦ୍ୟାବଧି ହୋଇନଥିବା ବେଳେ ଗୃହ ବିଭାଗ ପକ୍ଷରୁ ଫାଇଲ ନିଖୋଜ କିମ୍ବା ଚୋରି ହୋଇଥିବା କଥା କୁହାଯାଇଛି । ଏନେଇ ଥାନାରେ ଲିଖିତ ଅଭିଯୋଗ ମଧ୍ୟ ଦାଖଲ ହୋଇଥିବା ସେମାନେ କହିଛନ୍ତି । ତେବେ ଫାଇଲ କେଉଁଠି ଅଛି ଏବଂ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ଦାବି କରିଛନ୍ତି ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ । ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଏବଂ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସଂଗଠନ ଚେତାବନୀ ଦେଇଛି ।

ଶିଶୁ ଶ୍ରମ ବିରୁଦ୍ଧରେ କାଞ୍ଜିଆପାଳ ଠାରେ ସଚେତନତା କାର୍ଯ୍ୟକ୍ରମ

ଧାମନଗର(ନିପ୍ର) : ଶିଶୁ ଅଧିକାର ସୁରକ୍ଷା ଏବଂ ନାଲସା (ଶିଶୁଙ୍କ ଉପଯୋଗୀ ଆଇନଗତ ସେବା ଏବଂ ସେମାନଙ୍କ ସୁରକ୍ଷା) ଯୋଜନା, ୨୦୨୪ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହିତ 'ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ' ଧାମନଗର ବ୍ଲକ କାଞ୍ଜିଆପାଳ ସ୍ଥିତ ମହାପୁରୁଷ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଏବଂ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ ଶିଶୁ ଶ୍ରମିକ ପ୍ରଥା ହେଉଛି ଜାତୀୟ ବିକାଶର ମୁଖ୍ୟ ପ୍ରତିବନ୍ଧକ । ଶିଶୁଟିଏ କାମ କରିବା ପାଇଁ ନୁହେଁ, ବରଂ ପାଠ ପଢ଼ି ଦେଶର ଭବିଷ୍ୟତ ଗଢ଼ିବା ପାଇଁ ଜନ୍ମ ହୋଇଥାଏ ବୋଲି କହିଥିଲେ ।

ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଏକ ବିତର୍କ ପ୍ରତିଯୋଗିତା -ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ଉପରେ ପିଲାମାନଙ୍କର ବକ୍ତବ୍ୟ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା ଶେଷରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ପିଲାମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇ ସେମାନଙ୍କ ମନୋବଳକୁ ସାହସ ଯୋଗାଇବା ପାଇଁ ଏକ ପ୍ରୟାସ କରାଯାଇଥିଲା ।

ପୁରୀ-ବାଙ୍ଗିରିପୋଷି ୧୮୪୦୨ଟ୍ରେନର କଚ୍ଛପ ଗତି

ବୈଶିଙ୍ଗା(ନିପ୍ର) : ମୟୂରଭଞ୍ଜର ବାଙ୍ଗିରିପୋଷି ଠାରୁ ୧୮୪୦୧ ନମ୍ବର ଟ୍ରେନ ସକାଳ ୪ ଘଂଟାରୁ ପୁରୀ ଅଭିମୁଖେ ଯାଇ ପୁଣି ୧୮୪୦୨ ନମ୍ବର ହୋଇ ପୁରୀରୁ ଅପରାହ୍ଣ ୪ଘଂଟାରେ ପୁରୀ ଛଡିଥାଏ । ଏହାର ରାତି ୧୧.୧୫ ସୁଦ୍ଧା ବାଙ୍ଗିରିପୋଷି ପହଂଚିବାର ସମୟ ଧାର୍ଯ୍ୟ ହୋଇଛି । ଟ୍ରେନଟି ଇଷ୍ଟକୋଷ୍ଟ ରେଳ ଡିଭିଜନରେ ପୁରୀ ଠାରୁ ଭଦ୍ରକ ପର୍ଯ୍ୟନ୍ତ ଆସେ ଏବଂ ସେଠାରୁ ଦକ୍ଷିଣ ପୂର୍ବ ରେଳ ଡିଭିଜନରେ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଚାଲେ । କିଛିମାସ ତଳେ ରେଳବିଭାଗ ହଠାତ ଏହାର ସ୍ତର ହ୍ରାସ କରି ସୁପର ଫାଷ୍ଟ ରୁ ଏକସ ପ୍ରେସ ଏବଂ ଟ୍ରେନ ନମ୍ବରରେ ମଧ ପରିବର୍ତନ କରିଛନ୍ତି । ଶେଷରେ ଯାତ୍ରୀମାନଙ୍କର ଆଶା, ଆଶଙ୍କା ଶେଷରେ ସତ୍ୟରେ ପରିଣତ ହୋଇ ଜିଲ୍ଲାର ଏକମାତ୍ର ଜୀବନ ରେଖା ରୂପକ ଟ୍ରେନର କଚ୍ଛପଗତି ସମସ୍ତଙ୍କୁ ବ୍ୟଥିତ ଓ ବିବ୍ରତ କରିଅଛି । ପୁରୀ ଯିବାବେଳେ ସାମାନ୍ୟ ବିଳମ୍ବ ହୋଇଥାଏ କିନ୍ତୁ ପୁରୀରୁ ଫେରିବା ସମୟରେ ଅହେତୁକ ବିଳମ୍ବ ଶେଷରେ ଟ୍ରେନଛାଡି ବସରେ ଫେରିବାକୁ ଯାତ୍ରୀଗଣ ଶ୍ରେୟ ମନେ କରୁଛନ୍ତି । ଏପରି ବିଳମ୍ବ ଦିନେ ଅଧେ ନୁହେଁ, ମାସରେ ୨୫ ଦିନ ହେଉଛି । ପ୍ରତ୍ୟେକ ଷ୍ଟେସନ ପୂର୍ବରୁ ଥରେ ଓ ଷ୍ଟେସନରେ ଥରେ ଏପରି ପ୍ରତ୍ୟେକ ସ୍ଥାନରେ ୨ ମିନିଟ୍ ସ୍ଥଳେ ୨୦ ରୁ ୨୫ ମିନିଟ୍ ବିଳମ୍ବ ଏହି ଟ୍ରେନକୁ ଯାତ୍ରୀଭଡା ଦୃଷ୍ଟିରୁ ସୁଲଭ ମନେକରୁଥିବା ପ୍ରତ୍ୟେକ ଷ୍ଟେସନର ୨୦ କି.ମି. ବସାର୍ଦ୍ଧରେ ଥିବା ଦୂରର ଯାତ୍ରୀମାନଙ୍କୁ ରାତିରେ ଘରକୁ ଯିବା ଫେରିବାକୁ ନାନା ଅସୁବିଧା ଓ ଅଧିକ ଗାଡିଭଡା ଦେବାକୁ ବାଧ କରିଥାଏ । ଏମିତିବି ହୋଇଛି, ବହୁ ବିଳମ୍ବିତ ରାତିରେ ଏହି ଟ୍ରେନ ବାଙ୍ଗିରିପୋଷି ପହଂଚିବା ମାତ୍ରେ ପୁଣି ପୁରୀ ତତ୍‌କ୍ଷଣାତ ଫେରିବାକୁ ବାଧ ହୋଇଛି । ଏହି ଏକମାତ୍ର ଟ୍ରେନଟି ଏଠାରୁ ପୁରୀ ଯିବା ସମୟରେ ଅନ୍ୟ ପଟୁ ବାଙ୍ଗିରିପୋଷି କୁ ଅନ୍ୟ ଏକ ଟ୍ରେନ ଚଳାଚଳର ଦାବି କରାଯାଉଥିବା ସମୟରେ ଏପରି ଅବ୍ୟବସ୍ଥା ଯାତ୍ରୀ ମାନଙ୍କୁ ନିରାଶ କରିଅଛି । ମୟୂରଭଞ୍ଜ ମହାରାଜାଙ୍କ ଅବଦାନ ପ୍ରତି ଏହା କୁଠାରଘାତ ନୁହେଁତ ବୋଲି ସିଭିଲ ସୋସାଇଟି ବେତନଟୀ ର ସଂପାଦକ ଆଡ଼ଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ପ୍ରଶ୍ନ କରି ଏହାର ପ୍ରତିକାର ନିମନ୍ତେ ଖଡ଼ଗପୁର ଡ଼ି.ଆର.ଏମ୍‌ଙ୍କୁ ଇମେଲ ବାର୍ତା ପ୍ରେରଣ କରିଥିବାର ଜଣାଯାଇଛି ।

ଦ.ପୂ. ରେଳପଥ - ନିଲାମ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର/ଜି, ଏସ୍. ଇ. ରେଳବାଇ, ଖଡ଼ଗପୁର-୭୨୧୩୦୧, ଉଲ୍ଲେଖିତ ତାରିଖରେ ୧୨:୦୦ ଘଂଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏସ୍. ଆଇ. ନମ୍ବର, ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନଲିଖିତ: ୧. ୧୧୪-ଇଏଲସି-ଜି-କେଜିପି-୨୫-୨୬-୬୧-ଆର୧. ଖଡ଼ଗପୁର ଡିଭିଜନରେ ବାଲେଶ୍ୱର, ନେକୁରସେନି, ଖ[।ପଡ଼ା, ପିଏସଓଆର ଏବଂ କିପିଏସଡି ଷ୍ଟେସନରେ ଥିବା ଗୁଡ୍ସ ସେଡ୍ ?ରେ ସିସିଟିଭି ଯୋଗାଇବା ପାଇଁ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ:ଟ.୫୮,୨୬,୪୭୬/-, ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି.:ଟ.୧,୧୬,୫୦୦/- ।୨. ୧୧୪-ଇଏଲସି-ଜି-କେଜିପି-୨୬-୨୭-୧୦ । ଦକ୍ଷିଣ ପୂର୍ବ ରେଳପଥର ହାଓଡ଼ା-ଖଡ଼ଗପୁର ସେକ୍ସନର କିମି ୭୯/୧୭-୧୯ରେ ଖଡ଼ ନମ୍ବର ୪୯ ବଦଳରେ ଖୁରାଇ ଏବଂ ହାଉର ମଧ୍ୟରେ ରୋଡ୍ ଓଭର ବ୍ରିଜ୍ (ଆରଓବି) (କିମି: ୭୯/୩୧-୩୩) ନିର୍ମାଣ ପାଇଁ ଇଲେକ୍ଟ୍ରିକାଲ୍ (ଏ) କାର୍ଯ୍ୟ କରେ । ଟେଣ୍ଡର ମୂଲ୍ୟ: ଟ.୨୭,୭୧,୬୪୬/- । ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି.: ଟ.୫୫,୪୦୦/-, ଖୋଲିବା ତାରିଖ:୦୧.୦୭.୨୦୨୬ ପ୍ରତ୍ୟେକଙ୍କ ପାଇଁ । ଟେଣ୍ଡର ଡକ୍ୟୁମେଂଟର ମୂଲ୍ୟ: ପ୍ରତ୍ୟେକଙ୍କ ପାଇଁ କୌଣସି ନାହିଁ । ସମାପ୍ତି ଅବଧି: ଗ୍ରହଣ ପତ୍ର ଜାରି ହେବା ତାରିଖରୁ କ୍ର.ନଂ. ୧ ପାଇଁ ୦୯ ମାସ ଏବଂ କ୍ର.ନଂ. ୨ପାଇଁ ୦୬ମାସ । ଦାଖଲ ତାରିଖ: ୦୧.୦୭.୨୦୨୬ ଦିନ ୧୨:୦୦ ଘଂଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ: ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.lreps.gov.in ପରିଦର୍ଶନ କରିପାରିବେ ।

(PR-315)

ତିନି ଦିନିଆ ଜିଲ୍ଲାସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

ଖୋର୍ଦ୍ଧା(ନିପ୍ର) : ବିକାଶର ଧାରା, ଓଡ଼ିଶା ସାରା (ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି) ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ସରକାରୀ ଜନସଂପର୍କ ଏବଂ ନାଗରିକ ଅଂଶ ଗ୍ରହଣ ତିନିଦିନିଆ କାର୍ଯ୍ୟକ୍ରମ ସମ୍ମିଳନୀ ସଦର ମହକୁମା ପୌରପରିଷଦ ଟାଉନ୍ ହଲ୍ ଠାରେ ଉଦ୍ଘାଟିତ ହୋଇ ଯାଇଅଛି । ଏହି ଅବସରରେ ଓଡ଼ିଶାର ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା ସରକାର, ସୁରେଶ ପୂଜାରୀ ଯୋଗ ଦେଇ ଶ୍ରୀ ଜଗନ୍ନାଥ ଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୁଷ୍ପାର୍ଘ୍ୟ ପ୍ରଦାନ କରି ଉଦ୍ଘାଟନ କରି ନିଜ ଉଦ୍‌ବୋଧନରେ କହିଲେ ଓଡ଼ିଶାର ସାଢ଼େ ଚାରି କୋଟି ଓଡ଼ିଆ ଗୋଟିଏ ଗୋଟିଏ ପାଦ ବଢାଇ ବିକଶିତ ଓଡ଼ିଶା ୨୦୩୬ ଭିଜନ କୁ ସାକାର କରି ଓଡ଼ିଶାକୁ ଶିଖରରେ ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ

ସରକାର ଆଜିର ଦିନରେ କ୍ଷମତାକୁ ଆସିଲା ପରେ ଖରିଫ ଓ ରବିରେ ଚାଷୀଙ୍କୁ ୮୦୦ ଟଙ୍କା ସବସିଡି ଦେଇ ଧାନ କିଣିଲେ ଯାହା ଯୁଗାନ୍ତ କାରୀ ପଦକ୍ଷେପ । ସେହିପରି ପି ଏମ କିଶାନ୍ ୬ ହଜାର ସହ ସି ଏମ କିଷାନ ଯୋଜନାରେ ଆଉ ୪ ହଜାର ସହାୟତା ରାଶି ଦେଇ ଏହାକୁ ୧୦ ହଜାର ଚାଷୀଙ୍କୁ ପ୍ରଦାନ କଲେ । ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଅର୍ଥ ନୈତିକ ବିକାଶ କ୍ଷେତ୍ରରେ ବିଶ୍ୱରେ ବର୍ତମାନ ତୃତୀୟ ରାଷ୍ଟ୍ର ଭାବେ ଉଭା ହୋଇଥିବା ବେଳେ ଜଶସ୍ୱୀ ମୋହନ ସରକାରଙ୍କ ନେତୃତ୍ୱରେ ମାତୃ ଶକ୍ତିର ଉତାନ ଦିଗରେ ଓ ଅର୍ଥ ନୈତିକ ସ୍ୱାବଲମ୍ବୀ ଦିଗରେ ଓଡ଼ିଶାରେ ଶୁଭଦ୍ରା ଯୋଜନାରେ ୧୭ ଲକ୍ଷ, ଲକ୍ଷ ପତିଦିଦି ସୃଷ୍ଟି କରା ଯାଇ ମାଇଲ ଖୁଂଟ ତିଆରି ହୋଇଛି । ଲୋକଙ୍କ ସେବାରେ ଲୋକଙ୍କ ସରକାର ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାକରାଇଚାନ୍ତି କ୍ଷ ଶିକ୍ଷା ରେ ମଧାହ୍ନ ଭୋଜନ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଯୋଡିବା, ବକୁଳବନ ବିଦ୍ୟାଳୟଭଳି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବା, ୧୭ ଲକ୍ଷ କୋଟି ଟଙ୍କାର ଏମ ଓ ୟୁ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା କରିବା ରାଜ୍ୟ ସରକାରଙ୍କର ବିକଶିତ ଓଡ଼ିଶା ଗଠନରେ ଦିକ୍ଷାନ୍ତ ପଦକ୍ଷେପ ବୋଲି ଜଣାଯାଏ । ଅନ୍ତଦ୍ୟଗୃହ ଯୋଜନାରେ ଭାରତରେ ଓଡ଼ିଶା ପ୍ରଥମ କହି ସ୍ୱଚ୍ଛ ନିର୍ମଳ ଶାସନରେ ଓଡ଼ିଶାରେ ହଜାର ହଜାର ବିଶୁ ମହାରଣା ଭଳି ଧର୍ମପଦ ଯୁବକ ଯୁବତୀ ଆଗେଇ ଆସି ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଂଚାଇବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିଧାଣୀ ହେବାକୁ ଆହ୍ୱାନ ଦେଇଥିଲେ ।

AFFIDAVIT

By virtue of an affidavit sworn before Executive Magistrate, Soro, Balasore dated 02.09.2021 I, Sri Mahendra Sahu, aged 72 years, S/o- Anam Sahu of Village- Khunta, Po- Manipur, Ps- Soro, Dist- Balasore declare that I have changed my name from Rabin Shaw, S/o- Anath Shaw to Mahendra Sahu, S/o- Anam Sahu. Henceforth, I shall be known as Mahendra Sahu, S/o- Anam Sahu for all purposes.

Sd/-
Mahendra Sahu

No. 10001/266/2627

TENDER NOTICE FOR LABORATORY CHEMICALS, REAGENTS & CONSUMABLES OF FMMCH, BALASORE (2026-27)

Bid Ref. No. 2801 /5/FMMCHB — Date: 03 / 06 / 2026

Fakir Mohan Medical College & Hospital, Balasore invites sealed Tender from registered Firm/ Agencies/ Company for **Laboratory Chemicals, Reagents & Consumables** for FMMCH, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. 06/07/2026 up to 5:30PM through Registered post/ speed post/ courier only and the same will be opened on Dt. 07/07/2026, 11 AM at LT-5, 3rd Floor, O/o Superintendent, FMMCH, Remuna, Balasore. Application form as well as other details will be available and downloaded from district website www.baleswar.nic.in/ www.blsmch.nic.in . Authority reserves every right to reject all or any of the Tender without assigning any reason thereof.

-Sd-
Superintendent
FMMCH, Balasore

OIPR. 10001/10134/1/26-27/0003



୧୩ ଜୁନ୍
୨୦୨୬ ଶନିବାର

ସମୟକୁ ସମ୍ମାନ ଦେଇ କାମ କରୁଥିବା ବ୍ୟକ୍ତି ଜଣକ ଜୀବନରେ ଯେ କୌଣସି କଠିନ ପରିସ୍ଥିତିକୁ ସହଜରେ ଅତିକ୍ରମ କରିପାରେ ।

ଆଜିକାଲି



ନିୟତଂ କୁରୁ କର୍ମତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀର ଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଶାସ୍ତ୍ର ବିହିତ କର୍ତବ୍ୟ କର୍ମକର ।
କାରଣ ନ କରିବା ଠାରୁ କର୍ମ କରିବା ଶ୍ରେଷ୍ଠ ।
କର୍ମ ନ କଲେ ଶରୀର ନିର୍ବାହ ମଧ୍ୟ ସିଦ୍ଧ ହୋଇପାରିବ ନାହିଁ ।

ଗାଁର ବିକାଶ ପାଇଁ ୭ ଯୋଜନା

ସ୍ୱାଧୀନତା ପରଠାରୁ ଗାଁର ବିକାଶ ପାଇଁ ସମସ୍ତ ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥାନ୍ତି । ଗାଁର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ସମସ୍ତ ରାଜନୈତିକ ଦଳ ଏହା ଉପରେ ଗୁରୁତ୍ୱ ଦେଇଥାନ୍ତି । ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଗ୍ରାମ ଓ ସହରର ବିକାଶ ପାଇଁ ନୂଆ ନୂଆ ପରିକଳ୍ପନା ଆରମ୍ଭ କରିଛନ୍ତି । ମୋହନ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଦୃଷ୍ଟିରୁ ରାଜ୍ୟ ସରକାର ସମସ୍ତ ଗ୍ରାମର ବିକାଶ ପାଇଁ ୭ଟି ଯୋଜନା ଉପରେ ଗୁରୁତ୍ୱ ଦେଇ ଘୋଷଣା କରିଛନ୍ତି । ପ୍ରତ୍ୟେକ ଗାଁରେ ଭଲ ରାସ୍ତା ନ ଥିବା ଗାଁକୁ ନୂଆ ରାସ୍ତା କରାଯିବ ଏବଂ ବିଭିନ୍ନ ନଦୀ ଓ କେନାଲ ଉପରେ ପୋଲ ନ ଥିଲେ ନୂଆ ପୋଲ କରାଯିବ । ଏଥିପାଇଁ ସେତୁବନ୍ଧ ଯୋଜନାରେ ୧୯ ଶହ ୯୦ କୋଟି ଖର୍ଚ୍ଚ କରାଯିବ । ଏହି ଯୋଜନାରେ ରାଜ୍ୟର ବିଭିନ୍ନ ଗ୍ରାମ ସଂଯୋଗ ପାଇଁ ୫୦ ନୂଆ ସେତୁ ତିଆରି ହେବ । ଅପରପକ୍ଷରେ ଆଡ଼ିବନ୍ଧ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହି ଯୋଜନାରେ ୮୮ କୋଟି ଟଙ୍କା ଖର୍ଚ୍ଚ ହେବା ସହ ୮୭ଟି ନୂଆ ସେତୁ ନିର୍ମାଣ ହେବ । କେବଳ ସେତିକି ନୁହେଁ ପିଏମ୍‌ଜି ଏସ୍‌ୱାଇରେ ଅଧିକ ୧୭ ଶହ ୨୧ ନୂଆ ରାସ୍ତା ତିଆରି ହେବ । ସରକାରଙ୍କ ଏହି ଘୋଷଣା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏଥିରେ ସନ୍ଦେହ ନାହିଁ । ନୂଆ ରାଜ୍ୟ ସରକାର କ୍ଷମତାକୁ ଆସିବା ପରେ ଏ ପର୍ଯ୍ୟନ୍ତ ବହୁ ନୂଆ ଯୋଜନା ଘୋଷଣା କରି କାର୍ଯ୍ୟକାରୀ କରିଛନ୍ତି । ଏପରିକି ୨୦୨୫ ସୁଦ୍ଧା ସମସ୍ତ ଗ୍ରାମ ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ଏହା ନିଶ୍ଚିତ ଭାବେ ଗାଁ ମାନଙ୍କ ପାଇଁ ଏକ ଭଲ ଖବର । ଏବେ ବି ବହୁ ଗାଁ ରାସ୍ତା ପକ୍କା ହୋଇ ନାହିଁ । କେତେକ ସ୍ଥାନରେ ଅଧାପନ୍ତରିଆ କାମ ହୋଇ ମଧ୍ୟ ଶେଷ କରାଯାଇ ପାରିନାହିଁ । ଏହି ଦୃଷ୍ଟିରୁ ନୂଆ ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟର ସମସ୍ତ ଗ୍ରାମରେ ହସଖୁସିର ଲହରୀ ସୃଷ୍ଟି ହେବ ଏଥିରେ ଦ୍ୱିମତ ନାହିଁ । ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ମଧ୍ୟ ନୂଆ ସରକାର ଗୁରୁତ୍ୱ ମଧ୍ୟ ଦେଇଛନ୍ତି । ଖୁବ୍ ଶୀଘ୍ର ୨୦ ହଜାର ନୂଆ ଶିକ୍ଷକ ନିଯୁକ୍ତି ପାଇବେ ଏବଂ ବିଦ୍ୟାଳୟର ବିକାଶ ପାଇଁ ଅର୍ଥ ଖର୍ଚ୍ଚର ମଧ୍ୟ ଘୋଷଣା କରାଯାଇଛି । ସେହିଭଳି କଲେଜ ଓ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ରାଜ୍ୟ ସରକାର ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆଗେଇଛନ୍ତି । ହୁଏତ ଏଥିପାଇଁ ସମୟ ଲାଗି ପାରେ । ମାତ୍ର ନିର୍ଦ୍ଦିଷ୍ଟ ସମୟରେ ଯୋଜନା କାର୍ଯ୍ୟକାରୀ ହେବ ଏଥିରେ ସନ୍ଦେହ ନାହିଁ ।

ପରମ୍ପରାରେ ନାରୀ ପର୍ବ : ରଜ

◆ ହେନାରାଣୀ ଓଝା

ନାରୀମାନେ ପାଳନ କରୁଥିବା ପର୍ବର ପ୍ରଭାବ ବଢ଼ି ଚାଲିଛି । ପୁରୁଷମାନଙ୍କୁ ମାନିବାକୁ ହେଉଛି ଏହି ବ୍ୟବସ୍ଥାକୁ । ରଜପର୍ବ ଆସିଲେ କେବଳ ଗ୍ରାମାଂଚଳ ଉତ୍ସବ ମୁଖରିତ ହେଉନାହିଁ ଏହାର ଗୁରୁତ୍ୱ ଉପଲବ୍ଧ କରାଯାଉଛି ସହରରେ । କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ରଜପର୍ବର ମଜା ନେଉଛନ୍ତି ଗ୍ରାମ ଓ ସହରାଂଚଳର ମହିଳାମାନେ । ନବବସ୍ତ୍ର ପରିଧାନ ଠାରୁ ଆରମ୍ଭ କରି ପିଠାପଣା ପ୍ରସ୍ତୁତ କରିବା କାର୍ଯ୍ୟ ଘରେ ଘରେ ଦେଖିବାକୁ ମିଳେ । ସହରୀ ଜୀବନ ଭିତରେ ବି ଏହି ପର୍ବକୁ ପାଳନ କରି ଚାଲିଛନ୍ତି ସହରରେ ବସବାସ କରୁଥିବା ମହିଳା ଓ ଝିଅମାନେ । ସମୟ ଥିଲା ପର୍ବପର୍ବାଣୀ ପଲ୍ଲୀ ଜୀବନକୁ ସରସ ସୁନ୍ଦର କରୁଥିଲା । କର୍ମକ୍ଳାନ୍ତ ଜୀବନରେ ଅବସର ପାଇଁ ଆଣି ଦେଉଥିଲା ସୁଯୋଗ । ଏବେ ସବୁ ମଣିଷ ବ୍ୟସ୍ତ । ଅବସର ପାଇଁ ସମୟ ନାହିଁ । ସଦା ଚଂଚଳ, କର୍ମତତ୍ପର ହୋଇ ଉଠନ୍ତି ଜୀବନ । ବିଶ୍ରାମ କଥା କେହି ଚିନ୍ତା ମଧ୍ୟ କରୁନାହାନ୍ତି । ତେବେବି ବ୍ୟବସ୍ଥା ବାହାରକୁ ଆସିପାରୁନି ମଣିଷ । ମାନିବାକୁ ହେଉଛି ପ୍ରଥା ଓ ପରମ୍ପରାର ନିୟମକୁ । ଜ୍ୟେଷ୍ଠ ମାସର ଶେଷ ଦିବସ ଏବଂ ଆଷାଢ଼ ମାସର ପ୍ରଥମ ଦୁଇଦିନକୁ ନେଇ ପାଳନ

କରାଯାଇଥାଏ ରଜପର୍ବ । ଝିଅମାନଙ୍କ ଭୂମିକା ଏହି ପର୍ବରେ ପ୍ରମୁଖ । ଏହି ସମୟରେ ପୃଥିବୀ ରଜବତୀ ହୁଏ ବୋଲି ଲୋକକଥା ରହିଛି । ଧରଣୀକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ନେଇ ପାଳନ କରାଯାଇଥାଏ ପର୍ବ । ସ୍ତ୍ରୀ ଲୋକମାନେ ଧରଣୀ ମାତାର ପ୍ରତିନିଧିତ୍ୱ କରିଥାଆନ୍ତି । ରଜ ତିନିଦିନ କୌଣସି କାର୍ଯ୍ୟ କରିନଥାନ୍ତି ମହିଳାମାନେ । ଖାଲି ପାଦରେ ମାଟି ଉପରେ ଚାଲିବା ମଧ୍ୟ ବନ୍ଦ କରନ୍ତି । ଏହାକୁ ସେଭଳି କଡ଼ା କଡ଼ି ଭାବେ ପାଳନ କରାଯାଉନଥିଲେ ମଧ୍ୟ ସଂଖ୍ୟାଧିକ ମହିଳା ଏହି ନିୟମକୁ ମାନୁଥିବା ଲକ୍ଷ୍ୟ କରାଯାଏ । ଦାନ୍ତକାଠି ଭାଙ୍ଗିବା, ମସଲା ବାଟିବା କାର୍ଯ୍ୟ ବନ୍ଦ ରହିଥାଏ । ରଜପର୍ବ ପୂର୍ବରୁ ମସଲା ବଟା, ପିଠା ପଣା ପାଇଁ ସବୁ କାର୍ଯ୍ୟ ଶେଷ କରିଥାଆନ୍ତି ମହିଳା ମାନେ । ଦୋଳି ଖେଳିବା ଏକ ବିଧି ଭାବେ ରହିଆସିଛି । ରଜ ତିନିଦିନ ମହିଳାମାନେ ଦୋଳି ଖେଳିବା କାର୍ଯ୍ୟରେ ନିଜକୁ ସାମିଲ କରିଥାଆନ୍ତି । ଝିଅଙ୍କର ଆନନ୍ଦ ଉଲ୍ଲାସ ବଢ଼ିଥାଏ । ସେମାନେ ଉପଭୋଗ କରିଥାଆନ୍ତି ରଜ । ମଜା ନେଇଥାଆନ୍ତି ଏହି ପର୍ବର । ନାରୀମାନଙ୍କ ନିର୍ଦ୍ଦେଶରେ ପର୍ବର କଟକଣା କାର୍ଯ୍ୟକାରୀ ହୋଇ ଥାଏ । ନୂତନ ବସ୍ତ୍ର ପରିଧାନ ସହ ଝିଅ, ବୋହୂମାନେ ଅଳତା ଲଗାଇବା ଶଙ୍ଖା ସିନ୍ଦୂର ପିନ୍ଧି ଏକତ୍ର ହୁଅନ୍ତି ରଜଦୋଳି ନିକଟରେ । ଓଡ଼ିଶାର ଘରେ ଘରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । କେବଳ ଘରେ ନୁହେଁ ଓଡ଼ିଶାର ନାଥ ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ପୋଡ଼ପିଠା ପ୍ରସ୍ତୁତ କରାଯାଇଥାଏ । ରଜପର୍ବରେ ଏକାଧିକ ଝିଅ ବୋହୂ ଓ ମହିଳା ଏକତ୍ର ହେବା ସେମାନଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିଥାଏ । ଭୂମିକୁ ସ୍ପର୍ଶ ନକରିବା ପାଇଁ ଅନେକ ଅଂଚଳରେ ଝିଅମାନେ ଗୁଆ ଖୋଳପା ଓ କଦଳୀ ପାଟୁଆରେ ଜୋତା କରି ବ୍ୟବହାର କରନ୍ତି । ଏବେ ଚପଲ ଓ ଜୋତା ବ୍ୟବହାର ଯୋଗୁଁ ଧୀରେ ଧୀରେ ପ୍ରାଚୀନ ପରିଧାନରେ ପରିବର୍ତନ ଘଟିଛି । ମଫସଲ ଅଂଚଳରେ ଝିଅମାନେ ତିନିଦିନ ତଳେ ବସିବା ଦେଖାଯାଏ ନାହିଁ । ମଶିଣା ଉପରେ ବସିରହନ୍ତି ଏମାନେ । ନାରୀମାନଙ୍କୁ ରଜପର୍ବ ପାଳନରେ ପୁରୁଷମାନେ ମଧ୍ୟ ସହଯୋଗ କରିଥାଆନ୍ତି । ନାରୀମାନେ ଆନନ୍ଦ ଉଲ୍ଲାସରେ ରଜପର୍ବର ମଜା ନେଉଥିବାବେଳେ ପୁରୁଷ ମାନେ ଦଳ ଦଳ ହୋଇ ବିଭିନ୍ନ ଖେଳରେ ମାତିରହନ୍ତି । ଆନନ୍ଦ ବିଭିନ୍ନ ସ୍ଥାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଯୋଗୁଁ ଅଧିକ ଉତ୍ସବ ମୁଖର ହୋଇଉଠେ ରଜ । ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ ଘରକୁ ପିଠାପଣା, ଆମ୍ବ, ପଣସ ପଠାଇ ସମ୍ପର୍କର

ସେତୁକୁ ଦୃଢ଼ କରାଯାଇଥାଏ । ପହିଲି ରଜଠାରୁ ଆରମ୍ଭ କରି ବସୁମତି ସ୍ନାନ ପର୍ଯ୍ୟନ୍ତ ସବୁକାର୍ଯ୍ୟ ମହିଳା ମାନଙ୍କ ଦ୍ୱାରା କରା ଯାଇଥାଏ । ପ୍ରଚଣ୍ଡ ରୌଦ୍ରତାପରେ ବସୁମାତା ଉତପ୍ତ ହୋଇଥିବାରୁ ତାଙ୍କ ଶୀତଳ କରିବା ପାଇଁ ବସୁମତି ସ୍ନାନ ପରମ୍ପରା ଥିବା କହନ୍ତି ବୟସ୍କା ମହିଳାମାନେ । ରଜପର୍ବ ପାଳନ ଦ୍ୱାରା ମାଟି ମାଆ ଆଶୀର୍ବାଦ କରିଥାଏ ଓ ଫସଲ ଭଲ ହୋଇଥାଏ ବୋଲି ମତଦିଅନ୍ତି ଲୋକମାନେ । ଏହି ରଜପର୍ବ ପାଳନ ପଛରେ ପୂର୍ବପୁରୁଷଙ୍କର ଉଦ୍ଦେଶ୍ୟ କ'ଣ ଥିଲା ତାହା ଠିକ୍ ଭାବେ କେହି ନଜାଣିଲେ ମଧ୍ୟ ନାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପର୍ବର ଛିଟା ଏବେ ବି ସ୍ପଷ୍ଟ । ସ୍କୁଲ, କଲେଜ ଏହି ସମୟରେ ଛୁଟି ଥିବା ଯୋଗୁଁ ଝିଅମାନେ ବେଶ୍ ଆନନ୍ଦ ନିଅନ୍ତି ଏହି ପର୍ବପାଳନ କରି । ରଜପର୍ବର ମୌଳିକତା ଯାହାବି ହେଉନା କାହିଁକି ଅନ୍ୟତମ ନାରୀମାନଙ୍କ ପର୍ବ ଭାବେ ପ୍ରଚଳିତ ଏହି ରଜପର୍ବ ଉତ୍ସବ ମୁଖରିତ କରିଥାଏ ଓଡ଼ିଶା ବାସୀଙ୍କୁ । ଉଲ୍ଲସିତ କରିଥାଏ ଜୀବନଚିତ୍ର ।

ସାଆନ୍ତରାପୁର, ବୋରିକିନା, ଜଗତ୍‌ସିଂହପୁର : ମୋ-୯୨୩୮୬୦୨୮୨୫

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ରଜପର୍ବ

◆ ଦଶରଥ ହେମ୍ବ୍ରମ୍

ଓଡ଼ିଶା ଏକ କୃଷିଭିତିକ ରାଜ୍ୟଭାବେ ପରିଚିତ । ଏଠାରେ ବସବାସକରୁଥିବା ଅଧିକାଂଶ ଅଧିବାସୀ କୃଷିକୁମୁଖ୍ୟଜୀବିକା ଭାବେଗ୍ରହଣକରିନିଅନ୍ତି ।ରାଜ୍ୟରେ ଥିବା ଗୌରବମୟସଭ୍ୟତାରେ ପାଳିତହେଉଥିବାବାରମାସର ଧର୍ମୀୟତେର ପର୍ବପର୍ବାଣିରେ ଭରିରହିଛିତା'ର ପ୍ରାଚୀନ ଐତିହ୍ୟ, ସର୍ବପୁରାତନ ଲୋକସଂସ୍କୃତି, ପ୍ରଥା, ପରମ୍ପରା ପ୍ରଭୃତି ।କାହିଁକେଉଁ ପ୍ରାଚୀନ କାଳରୁଏହି ଧର୍ମୀୟଭାବଧାରା, ଲୋକସଂସ୍କୃତି ଓ ପରମ୍ପରାସହିତଜଡ଼ିତ ଥିବାରଜପର୍ବବଡ଼ ଆନନ୍ଦ ଉଲ୍ଲାସରେଓଡିଶାବାସୀମାନେ ପାଳନ କରିଆସୁଛନ୍ତି ।ଏନେଇ ଅନେକଐତିହାସିକମାନଙ୍କମତ ଯେ, ଓଡ଼ିଶାରେଶାସନ କରୁଥିବାଭୌମକରରାଜତ୍ୱରୁରଜପର୍ବ ଆରମ୍ଭ ହୋଇଛିବୋଲି, ତେଣୁଏହାଓଡିଶାର ନିଜସ୍ୱ ପର୍ବଏବଂ ସ୍ୱତନ୍ତ୍ର ମଧ୍ୟ ।ଶାସ୍ତ୍ରନୁଯାୟୀ, ପ୍ରଥମ ବର୍ଷାର ଆଗମନରେମେଘ ଓ ମାଟିରମହାମିଳନ ହୁଏ, ଯାହାଫଳରେ ଧରିତ୍ରୀହୁଏ ରଜସ୍ୱଳା । ଏହିକାରଣରୁ ଧରଣୀମାତାକୁ ରଜସ୍ୱଳାସ୍ତ୍ରୀସହିତ ତୁଳନାକରାଯାଏ । ସାଧାରଣତଃ, ଓଡିଶାରେରଜପର୍ବକୁ 'ଗଣପର୍ବ' ରେ ଆଖ୍ୟା ଦିଆଯାଇଛି । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ପାଳନ ହେଉଥିବାଚାରିଦିନ ବ୍ୟାପିରଜ ପର୍ବରତିନିଦିନ ଧରିତ୍ରୀରତୁମତୀହୁଏ, ତା'ପରେହୁଏସେସୃଜନଶୀଳା । ତେଣୁଏହିତିନିଦିନ କୃଷିକର୍ମ ନିଷିଦ୍ଧ ହୋଇଥାଏ ।ରଜର ପ୍ରଥମ ଦିନକୁ ପହିଲିରଜକୁହାଯାଉଥିବାବେଳେ ଦ୍ୱିତୀୟ ଦିନକୁରଜସଂକ୍ରାନ୍ତି ଓ ତୃତୀୟ ଦିନକୁଭୂମିଦାହକୁହାଯାଏ ।ଏହି ଦିନରେ ଦେବାଦେବୀମନ୍ଦିରମାନଙ୍କରେ ଦର୍ଶନାର୍ଥୀଙ୍କ ଭିଡ଼ଲାଗିଥାଏ ।ରଜରଶେଷ ଦିନ ହେଉଛିଭୂଇଁନଅଣ ବା ଧରାସ୍ନାନ ବାମହାଲକ୍ଷ୍ମୀ ଦିନ ।ଏହି ଦିନ ଭୂମିକୁବିଶ୍ରାମ ଦିଆଯାଏ ଅର୍ଥାତଭୂମିର ଆଘାତହେବାଭଳିକୌଣସିକାର୍ଯ୍ୟକରାଯାଏ ନାହିଁ । ଅତଏବ, କୃଷକମାନେ ଏହିଦିନରେହଳଲଙ୍ଗଳ ଓ କୃଷିଉପକରଣକୁହଳଦୀ ପାଣିରେସ୍ନାନ କରିଠାକୁରାଣୀ ଗାଧୁଆକାଠ ପିଢ଼ାଉପରେ ଶିଳପୁଆଲଙ୍ଗଲଲୁହା ଓ କୃଷିଉପକରଣରଖି ପୂଜାର୍ଚ୍ଚନାକରନ୍ତି ।ଏହି ଅବସରରେବିଭିନ୍ନ ଫୁଲ, ସିନ୍ଦୂରଲଗାଯିବାସହରତୁଭତିକ ଫଳ ଦେଇ ମହାଲକ୍ଷ୍ମୀକୁ ପୂଜାକରାଯିବାର ପାରମ୍ପରିକବିଧି ରହିଛି ।ବର୍ଷଶେଷରେ ଭଲ ଫସଲ ଅମଳହେବା ନିମନ୍ତେ କୃଷକମାନେ ଧରଣୀମାଆକୁ ଗୁହାରୀଜଣାନ୍ତି ।ସେଦିନଠୁକୃଷକମାନେ କୃଷିକାର୍ଯ୍ୟ ଆରମ୍ଭ କରିଥାନ୍ତି ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେରଜହେଉଛିସୃଷ୍ଟିରେ ପ୍ରଥମ ଦିନର ପଦଧ୍ୱନି । ପ୍ରକୃତିରେଏହାରତାତ୍ତ୍ୱିକତାକୁ ଉପଲବ୍ଧି କରି ଧରଣୀମାଆକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଦୀର୍ଘତିନିଦିନ ଧରି ପୂଜାର୍ଚ୍ଚନା କରାଯାଏ ।ରଜ ପର୍ବରଉତ୍ପତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳସମ୍ପର୍କରେସେଭଳିକୌଣସି ଯଥାର୍ଥ ପ୍ରାମାଣ ମିଳିନାହିଁ ତଥାପିକିମ୍ବଦନ୍ତୀରେଏହା ପ୍ରାଚୀନତାର ଯଥେଷ୍ଟ ପ୍ରମାଣରହିଛି ।କିମ୍ବଦନ୍ତୀ କୁହେ, ଲଙ୍କାରେରାକ୍ଷସ ମାନଙ୍କର ମହାପ୍ରତାପୀ ରାଜାରାବଣ ରାଜୁତିକରୁଥିବାସମୟରେ ମୟଦାନବ ନାମକଜଣେରାଜା ଅନ୍ୟ ରାଜ୍ୟରେଶାସନ କରୁଥିଲେ । ଦୁହେଁ ଦାନବମାନଙ୍କ ରାଜାହୋଇ ଥିବାରୁଉଭୟଙ୍କମଧ୍ୟରେ ଅତିଘନିଷ୍ଠ ସମ୍ପର୍କରହିଥିଲା । ଉଭୟଉଭୟଙ୍କ ଦରବାରକୁ ଯିବା ଆସିବା କରୁଥିଲେ । ଏହାବ୍ୟତୀତଭୋଜିଭାତ, ଆମୋଦପ୍ରମୋଦ ଉତ୍ସବରେକିମ୍ବାମାଙ୍ଗଳିକ ଆସରମାନଙ୍କରେ ଉଭୟଙ୍କର ଆମନ୍ତ୍ରିତ ଅତିଥି ଭାବେଯୋଗଦାନ ରହୁଥିଲା ।ଉଭୟରାଜା ପରିବାର ଆତ୍ମୀୟତାରସୂତ୍ରରେ ବାନ୍ଧିହୋଇଥିଲେ । ସେହିସମୟରେ ରାଜାମୟଙ୍କର ଅତିସୁନ୍ଦରୀ କନ୍ୟାମନ୍ଦୋଦରୀଯୌବନପ୍ରାପ୍ତ ହେଲା ପରେମହାପ୍ରତାପୀରାବଣରାଜାମୟଙ୍କ ଦରବାରକୁ ଯିବାଆସିବାଭିତରେ ପରସ୍ପର ପ୍ରତି ଆକର୍ଷିତହେଲେ ଓ ମନ୍ଦୋଦରୀ ଅନ୍ତସତ୍ତ୍ୱାହେଲେ ।କିଛି ଦିନପରେମନ୍ଦୋଦରୀଙ୍କଠାରୁ ଅତିସୁନ୍ଦରୀ କନ୍ୟାଟିଏଜନ୍ମହେଲା । ଏନେଇସମାଜରଲୋକଲଜ୍ଜା ଏବଂ ପିତା-ମାତାଙ୍କ ମର୍ଯ୍ୟାଦାକୁ ଦୃଷ୍ଟିରେରଖିରାଜା ମୟ ସେହିଶିଶୁକନ୍ୟାକୁବିଳମ୍ବିତରାତ୍ରରେ ଦୂରରାଜ୍ୟରେ ଥିବାମିଥିଳା ନଗରକୁନେଇଗୁପ୍ତ ଭାବରେ ଗାତଖୋଳିପୋତି ଦେଇଆସିଲେ ।ମାତ୍ରସେହିରାଜ୍ୟରେ ଅକାଳ ପଡ଼ିଲା, ମରୁଡ଼ିହେଲା । ବର୍ଷା ନହେବାରୁଲୋକମାନେ ହନ୍ତସନ୍ତ ହେଲେ । ମିଥିଳାବାସୀ ତ୍ରାହିତ୍ରାହିକରିବାକୁ ଲାଗିଲେ । ସେତେବେଳେମିଥିଳାରାଜ୍ୟରରାଜା ଥିଲେଜନକ । ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶାକୁ ଦେଖିସେସହି ନପାରି ପଣ୍ଡିତମାନଙ୍କର ପରାମର୍ଶନେଲେ ।ତାଙ୍କରମତାନୁଯାୟୀରାଜା ନିଜେହଳଯୋଚିଲେ ଅକାଳ ଦୂରହେବ, ବର୍ଷାହେବ । ତେଣୁସଂସାରରହିତ ପାଇଁରାଜା ଜନକ ନିଜେହଳଯୋଚିବାରୁଇନ୍ଦ୍ର ଦେବତାସନ୍ତୁଷ୍ଟହେବା ଫଳରେମୂଷଳ ଧାରାରେବର୍ଷାହେବାକୁଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେଗୀତଗାଇ ନାଚିବାକୁଲାଗିଲେ । ସମଗ୍ରମିଥିଳାରାଜ୍ୟରେ ନାଚଗୀତର ପର୍ବଖେଳିଗଲା ।ସେହି ଦିନଠାରୁରଜ ପର୍ବର ଆରମ୍ଭ ଘଟିଥିବାବୋଲି ଧର୍ମୀୟବିଶ୍ୱାସକରାଯାଏ ।କାରଣରାଜା ଜନକ ହଳଯୋଚି ଏକ କନ୍ୟାରତ୍ନସୀତାମାତାଙ୍କୁଭୂମିରୁ ପାଇଥିବାରୁଏହି ପର୍ବକୁମହିଳାମାନଙ୍କ ପର୍ବରୂପେ ପାଳନ କରାଯାଏବୋଲି ଆଧ୍ୟାତ୍ମିକବିଶ୍ୱାସରହିଛି । ରଜପର୍ବକୁଓଡିଶାରେ ଜାତୀୟମହୋତ୍ସବ ଭାବେସ୍ୱୀକୃତି ଦିଆଯାଇଛି । ଶ୍ରୀମନ୍ଦିରରେ ସପ୍ତାବରଣ ମୃତିମଧ୍ୟରେଭୂଦେବୀବାମାଟିଦେବୀ ଥିବାରୁରୀତିନୀତିସହରଜପର୍ବ ପାଳନ କରାଯାଏ ।ଏହିସମୟରେବିଭିନ୍ନ ପବିତ୍ରସ୍ଥାନଗୁଡ଼ିକରେ ଓଡ଼ିଆଭାଗବତ, ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତହୋଇଥାଏ ।ଏହି ପର୍ବମାତୃଶକ୍ତିଉପାସନା ପାଇଁଉଦ୍ଦିଷ୍ଟ ଥିବାରୁ ଦେବୀମନ୍ଦିରରେ ପୂଜାର୍ଚ୍ଚନାକରାଯାଏ ।ବିଶେଷକରି ପ୍ରତ୍ୟେକଓଡ଼ିଆଣୀଙ୍କ ପାଇଁ ପହଲିରଜଠାରୁ ଆରମ୍ଭ କରିବସୁମତୀଗାଧୁଆ ପର୍ଯ୍ୟନ୍ତ ଝିଅବୋହୂମାନେ ନୂତନ ବସ୍ତ୍ର ପରିଧାନ କରନ୍ତି । ଅବିବାହିତଝିଅମାନେ ପାଦରେ ଅଳତା, ମଥାରେବିନ୍ଦି, ହାତରେରଙ୍ଗବେରଙ୍ଗରଚୁଡ଼ି ତଥା ବିଭିନ୍ନରକ୍ ଅଳଙ୍କାର ପିନ୍ଧି ନିଜକୁସଜେଇହୁଅନ୍ତି । ଏଇଠୁସେମାନେ ଶିଖନ୍ତି ଓ ଜାଣନ୍ତି ଯେ, ଅବିବାହିତଝିଅଙ୍କ ପାଇଁଗର୍ଭଧାରଣକ୍ଷମତାପ୍ରାପ୍ତିର ଏକ ସାଙ୍କେତିକ ପର୍ବହେଉଛିରଜ ।ଏହି ଦିନରେସେମାନେ ଖାଲି ପାଦରେ ନଚାଲି ପତ୍ର/ଖୋଳପାରେତିଆରି ପାଦୁକାରେଭୂଇଁଉପରେଚାଲିବାରବିଧି ରହିଛି । ମାତ୍ରଏହି ଅବସରରେସମସ୍ତଙ୍କ ଘରେ ନାନା ପ୍ରକାର ପିଠା, ପୋଡ଼ପିଠା, ଏଣ୍ଡୁରି ପିଠା, ଚକୁଳି ପିଠା ଓ ମିଠାନ୍ନ ପ୍ରସ୍ତୁତିହୁଏ । ରଜପାନ ଓ ରଜଦୋଳିଏହି ଦିନରେଚିତାକର୍ଷକହୋଇଥାଏ । ପୁଅମାନେ ମଧ୍ୟ ଏହି ଦିନରେକବାଡ଼ି ଓ ବାଗୁଡ଼ିଖେଳଖେଳିରଜ ପାଳନ କରିଥାନ୍ତି । ରଜପର୍ବରସବୁଠାରୁ ନିଆରା ପରମ୍ପରାହେଲା ପାନ ଖାଇବା ଓ ଅନ୍ୟମାନଙ୍କୁ ଖୁଆଇବାର ଆବେଗମୟ ଅନୁଭୂତି । ତେଣୁଓଡ଼ିଆ ପରମ୍ପରା ଅନୁସାରେରଜରେ ପାନଖିଆହେଉଛି ପ୍ରୀତିର ବନ୍ଧନ । ଅତଏବ, ଏହିରଜପର୍ବରେରହିଛିଓଡ଼ିଆସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ, ଐତିହ୍ୟ, କୃଷି ପରମ୍ପରାଏବଂ ନୈତିକମୂଲ୍ୟବୋଧର ପରିପ୍ରକାଶ ।

ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ -୯୩୩୭୪୦୪୨୫୪

ଉତ୍କଳର ଗଣପର୍ବ

◆ ରାମଚନ୍ଦ୍ର ବେହେରା

ବାର ମାସେ ତେର ପରବରେ ଭରା
ଉତ୍କଳୀୟ ପରମ୍ପରା
ପରବଂକ ମଧ୍ୟେ ସର୍ବଶ୍ରେଷ୍ଠ ଆମ
ରଜ ପରବ ନିଆରା
ମନେ ପଡ଼େ ପିଲାଦିନ
କେତେ ସଜବାଜ ଖୁସି ମଉଜରେ
କଟୁଥିଲା ତିନି ଦିନ ।
ଗାଆଁ ପରିବେଶ ବାଗୁଡି ଡାଆସ
ଲୁଡୁପାଲି ଖେଳ ମଜା
ନୂଆ ବସନରେ ଗାଆଁ ଝିଅଂକର
କପାଳରେ ସାଜସଜା
କାହିଁ ଆଜି ରଜପାନ
ପାଶ୍ଚାତ୍ୟ ଢାଂଚାରେ ବଶ ଯୁବାପିଢି
ସଂସ୍କାର ସଂସ୍କୃତି ଲୀନ ।
ଫଳବତୀ ହେବା ପୂର୍ବରୁ ଧରଣୀ
ହୋଇଥାଏ ରଜବତୀ
ଆଦ୍ୟ ଆଷାଢର ଶୁଭ ଆଗମନେ
ସ୍ନାନ କରେ ବସୁମତୀ
ଭୁଲେ ସେ ନିଦାଘ ଦୁଃଖ
ବରଷା ପରଶେ ହୋଇ ଶାନ୍ତସ୍ନିଗ୍ଧ
ନିଏ କମନୀୟ ରୂପ ।
ଶକ୍ତି ସ୍ୱରୂପିଣୀ ବସୁଧା ମାତାକୁ
ମାନ ସନମାନ ଦେଇ
ଭକ୍ତିପୂତ ଚିତେ ଧୂପ ନୈବେଦ୍ୟରେ
ପୂଜନ୍ତି ଭଉଣୀ ଭାଇ
ଶୁଭେ ଶଂଖ ହୁଳହୁଳି
ହଳଦୀ ପାଣିରେ ଗାଧୋଇ ଦିଅନ୍ତି
ଭକତି କୁସୁମାଂଜଳି ।
ମାଟି ଓ ମେଘର ହୁଅଇ ମିଳନ
ଭିଜଇ ପବିତ୍ର ମହୀ
ଗହୀର କ୍ଷେତରେ ନୀଳ ଢେଉ ଖେଳେ
ନାନା ଶସ୍ୟ ରୂପ ନେଇ
ମାଆର କରୁଣା ବଳେ
ବରଷକ ଯାକ ଗାଆଁ ଗହୀରରେ
ସୁନାର ଫସଲ ଫଳେ ।

ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬

ଆଧୁନିକ ଢାଂଚାରେ ରଜପର୍ବ

◆ କ୍ଷୀରୋଦିନୀ ବେହେରା

ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପାଳନ ହେଉଥିବା ଓଡ଼ିଶାରେ ବାରମାସରତେରପର୍ବମଧ୍ୟରୁରଜ ଏକ ପାରମ୍ପରିକ ପର୍ବ, ଯାହାକୁ ସାଧାରଣରେ ଗଣପର୍ବ କୁହାଯାଏ । ନିପଟମଫସଲଗ୍ରାମା□ଳରୁ ଆରମ୍ଭ କରିସହରାଂଚଳ ଯାଏଁଏହି ପର୍ବ ଧୁମଧାମରେଚାରିଦିନ ଧରି ପାଳିତହୋଇଥାଏ ।ରଜସଂକ୍ରାନ୍ତିର ପୂର୍ବଦିନକୁ ପହିଲିରଜବା ପାଣିବୁହାରଜ, ଦ୍ୱିତୀୟ ଦିନକୁରଜସଂକ୍ରାନ୍ତି, ତୃତୀୟ ଦିନକୁଭୂମିଦାହବାଭୂମି ଦହନ ଏବଂଚତୁର୍ଥ ତଥା ଅନ୍ତିମ ଦିନକୁବସୁମତୀ ସ୍ନାନ ବାମହାଲକ୍ଷ୍ମୀ ଦିନ କୁହାଯାଏ ।ରଜଶବ୍ଦର ଆକ୍ଷରିକ ଅର୍ଥ ରଜବତୀହେବା । ଯାହା ପୃଥିବୀକୁମାତା ଭାବରେ ବିବେଚନାକରିବର୍ଷାର ଆଗମନରେସେ ରଜସ୍ୱଳାହୋଇଥାନ୍ତିବୋଲିବୁଝାଯାଏ । ଅର୍ଥାତ୍ ଧରିତ୍ରୀମାତା ଋତୁମତୀ ହୋଇଥା'ନ୍ତି । ଏଥିପାଇଁକୃଷକମାନେ ତିନିଦିନ ପାଇଁହଳଲଙ୍ଗଳ ପୂଜାକରି କୃଷିକର୍ମରୁ ଅବ୍ୟାହତନେଇବସୁମାତାକୁ ବିଶ୍ରାମ ଦିଅନ୍ତି ।ଏଭଳି ନୀତିନିୟମଭିତରେ ଥିବାକେଉଁ ପ୍ରାଚୀନ କାଳରୁଓଡ଼ିଶାରେ ପାଳିତ ହୋଇ ଆସୁଥିବାରୁ ରଜକୁ ମଧ୍ୟ ଏକ କୃଷିଭିତିକ ପର୍ବଭାବେଗ୍ରହଣକରାଯାଇଛି । ଓଡିଶାସଂସ୍କୃତିରେ ଏହିମହାନ୍ ପାରମ୍ପରିକ ଗଣପର୍ବର ପୋଡ଼ପିଠା, ରଜପାନ ଓ ରଜଦୋଳିର ଯଥେଷ୍ଟ ଆକର୍ଷଣ ରହିଥାଏ ।ସେଥି ମଧ୍ୟରୁରଜ ପୋଡ଼ପିଠାରସ୍ୱାଦ ତୃପ୍ତିକରଏବଂ ନିଆରା । ଏହାଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟପିଠା ଏବଂ ରୁଚିକର ବୋଲି ପ୍ରାଚୀନ ଶାସ୍ତ୍ରକୁହେ ।ତେବେରଜପାନ ଓଡ଼ିଆମାନଙ୍କ ମୁଖବିନ୍ୟାସର ଶ୍ରେଷ୍ଠସମ୍ପଦ । ଏହାଓଡିଶାସଂସ୍କୃତିରେଭାବ ଆଦାନପ୍ରଦାନ କରିବାରେ ମୁଖ୍ୟଭୂମିକା ନିର୍ବାହକରେ ଏବଂ ରଜପର୍ବର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟେ । ଏହି ଅବସରରେଝିଅବୋହୂମାନେ ବିଶେଷକରି

କୃଷିଗୀତ ଗାନ କରିଥାନ୍ତି । ତା'ସହିତ ସେମାନଙ୍କ ପାଟିରେ ପାନଖିଲ ଯାକି ଦୋଳିଖେଳିବାର ଦୃଶ୍ୟ ଅତି ନିଆରା । ଏତେବେଳେ ସେମାନଙ୍କ କଣ୍ଠରୁ ଭାସିଆସେ ପାରମ୍ପରିକ ରଜଦୋଳି ଗୀତ, ନ୍ତରେଜ ଦୋଳି କଟ କଟ, ମୋ ଭାଇମୁଣ୍ଡରେସୁନାମୁକୁଟ, ଲୋ ଦିଶୁଥାଇ ଝଟ ଝଟ ।ନ୍ତ ତେବେ ଝିଅବୋହୂ ମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଏ । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରିଜଣେ ମା'ର କର୍ତବ୍ୟକୁ ସୂଚାରୁରୂପେ ତୁଲାଇପାରିବେଏବଂଭବିଷ୍ୟତରେ ନିଜଝିଅ ମାନଙ୍କୁ ନିଜ ଅନୁଭୂତିରୁ ଶିଖିସଂସାର ନିୟମ ଶିଖାଇବା ହେଉଛିଏହି ପର୍ବର ଉଦ୍ଦେଶ୍ୟ ।ତେଣୁ ଅନ୍ୟାନ୍ୟ ପର୍ବମଧ୍ୟରୁ ରଜଓଡ଼ିଆଙ୍କ ଏକ ସ୍ୱତନ୍ତ୍ର ପର୍ବ ଅଟେ । ଝିଅବୋହୂମାନଙ୍କୁ ଯଥେଷ୍ଟ ସମ୍ମାନ ରହିଛି ବୋଲି ଏହାକୁ ଝିଅ ମାନଙ୍କ ପର୍ବକହିଲେ ଅତ୍ୟୁକ୍ତିହେବନାହିଁ । ଅବିବାହିତଝିଅମାନେ ପାଦରେ ଅଳତା, ମଥାରେବିନ୍ଦି, ହାତରେ ରଙ୍ଗବେରଙ୍ଗରଚୁଡ଼ି ତଥା ବିଭିନ୍ନରକ୍ ଅଳଙ୍କାର ପିନ୍ଧି ନିଜକୁସଜେଇରଖିଥା'ନ୍ତିଏବଂଶାଢ଼ୀ ପିନ୍ଧିରଜ ଦୋଳିଖେଳ, ପୁଚିଖେଳ ଆଦିରେସମୟ ଅତିବାହିତ କରିଥାନ୍ତି । ଏହିଦିନ ଧରିତ୍ରୀମା'କୁ ସମ୍ମାନ ଦେଇ କେହିଭୂଇଁଉପରେଖାଲି ପାଦରେ ନଚାଲି ପତ୍ର/ଖୋଳପାରେ ତିଆରି ପାଦୁକାରେ ଭୂଇଁଉପରେ ଚାଲିବାରବିଧି ରହିଛି । ଏହି ଅବସରେ ପୁଅମାନଙ୍କ କବାଡ଼ି ଓ ବୋହୂଚୋରି ଖେଳ ଜମେ ।ତା'ପରେରାତ୍ରିସମୟରେ ଯୁବକ ଓ ଯୁବତୀମାନଙ୍କ ପାଇଁ ନାଚଗୀତର ପ୍ରତିଯୋଗିତା ଆସର କରାଯାଏ । ଏହିପରିଭାବରେ ରଜମଉଜ ଧୁମଧାମରେ ଓଡ଼ିଶାରେ ପାଳନ ହୁଏ । କିନ୍ତୁ ଯୁଗନୁସାରେ ପୁରୁଣାରୁଚିର ଅନେକ ପରିବର୍ତନ ଦେଖା ଦେଲାଣି । ଏବେ ଯାତ୍ରାସିନେମାଠାରୁ ଆରମ୍ଭ କରିଘରେଘରେ ଟିଭି ହେଲାଣି । ସମସ୍ତଙ୍କ ହାତରେ ମୋବାଇଲ ହ୍ୟାଣ୍ଡସେଟ୍ ରହିଲା । ତେଣୁଲୋକମାନେ ଚାରିଦିନ କାଳ ପର୍ବମାନିବାକୁ ନାପସନ୍ଦ କଲେଣି । ମଉଜମଜଲିସ୍ ଏବେ ଡାଟିଙ୍ଗଇ□ରନେଟ୍‌ଚାଟ୍ଟିଙ୍ଗରେ ରୂପାନ୍ତରିତ ହେଲାଣି । ପୁଅଝିଅ ମାନେ ପାର୍କରେ ଯାଇମଉଜ ମସ୍ତି କରୁଛନ୍ତି । କେବଳ ସହରା□ଳ ନୁହେଁଗ୍ରାମା□ଳରେ ମଧ୍ୟ ସମାନ ପରିସ୍ଥିତି ହେଲାଣି । ନାମକୁମାତ୍ର ପିଠାପଣାର ଆୟୋଜନ କରାଯାଉଛି । କାଁଭାଁକେଉଁଠି ଦଉଡ଼ି ଦୋଳିରେ ସ୍ୱଳ୍ପ ସମୟ ପାଇଁରଜ ଦୋଳି ଖେଳା ଯାଉଛି । ହେଲେ ରଜଗୀତ ଶୁଣିବାକୁ ଆଉ ମିଳୁନାହିଁ । ସମୟ ବଦଳି ଗଲାଣି, ଲୋକଙ୍କ ମାନସିକ ମଧ୍ୟ ପରିବର୍ତନ ହେଲାଣି । ଆଉ ଆମ ପାରମ୍ପରିକ ଖାଦ୍ୟ ଏଣ୍ଡୁରି ପିଠା, ଚକୁଳି, ଆରିସା, ଇଡ଼ିଲି, ବରା, ପୋଡ଼ ପିଠାରମହକ ପିଲାଙ୍କୁ ଆକୃଷ୍ଟକରୁନି, ସେସବୁସ୍ଥାନ ନେଇଛି ପିଜା, ବରଗର, ସ୍ୟାଣ୍ଡଉଇଚ୍, ମୋମୋସ୍ ଆଦି । ଦୋଳି, କବାଡ଼ି ଆଦି ଖେଳଛାଡ଼ି ପିଲାମାନେ ମୋବାଇଲ ଖେଳରେ ମାତୁଛନ୍ତି । ଏସବୁର ଅନ୍ତ କରିରଜପର୍ବ ପରି ଏକ ଗଣ ପର୍ବରମହତ୍ୱ ପିଲାଙ୍କୁ ବୁଝେଇବାକୁ ହେବ । ଏ ଦିଗରେ ବାପା, ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ନ ହେଲେ ରଜପର୍ବ ଭବିଷ୍ୟତରେ ସାମାଜିକ ଗଣମାଧ୍ୟମରେ ସୀମିତ ହୋଇ ରହିଯିବ ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ମୋ -୯୭୭୭୭୨୯୦୦୨

  

ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳିତ

ଭୁବନେଶ୍ୱର : ଓଡ଼ିଶାର ଗଣପର୍ବ ରଜ ଆମ ରାଜ୍ୟର କଳା, ସଂସ୍କୃତି ଓ ପ୍ରକୃତି ସହ ଗଭୀର ସମ୍ପର୍କରେ ଜଡିତ । ପ୍ରତିବର୍ଷ ପରି ଚଳିତବର୍ଷ ନୂଆଗାଁ ଗ୍ରାମୀଣ ବିକାଶ ମଂଚ ପକ୍ଷରୁ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନକୁ ବେଶ୍ ଧୁମ୍‌ଧାମରେ ବ୍ୟାପକ ରୂପେ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରାଯିବ । ନୂଆଗାଁ ମହୋତ୍ସବ ପଡ଼ିଆରେ ଜୁନ ୧୩ ତାରିଖରୁ ଚାରି ଦିନ ବ୍ୟାପୀ ଏହି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପ, ହାସ୍ୟ ଅଭିନେତା ଓ ଅନ୍ୟାନ୍ୟ ପ୍ରତିଭାଧାରୀ ଯୋଗ ଦେଇ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ । ୧୩ରେ ମେହେନ୍ଦୀ, ଶଙ୍ଖ ହୁଳହୁଳି, କୁନି ପ୍ରତିଭା ପଦର୍ଶନ ସହ ସଂଗୀତ, ନାଚ ପ୍ରତିଯୋଗିତା କରାଯିବ ଶିଶୁ କଣ୍ଠଶିଳ୍ପୀ ଶାନ୍ତନୁ ଓ ପ୍ରେମ କୁମାର, ହାସ୍ୟ ଅଭିନେତା ଟୁକୁନା ଷ୍ଟାଇଲସ, ମାଲଖାନ୍ଧ ଗ୍ରୁପ୍, ଗିତ୍ ମହ୍ଲାର ଗ୍ରୁପ ସଂଗୀତ ପରିବେଷଣ କରିବେ । ୧୪ରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ ସହ ପପୁ ପମପମ୍ କମେଡି ତଡକା ସହ ଅନନ୍ୟା ଗ୍ରୁପ୍ ଦ୍ୱାରା ସଂଗୀତ ଧମାଲ ହେବ । ୧୫ରେ ସଂଗୀତ, ନାଚ ପ୍ରତିଯୋଗିତା ସହ ଦେବେଶ ପତୀ, ସଞ୍ଜୁ ମହାନ୍ତି, ଜେମସ୍ ଲଭଲିନ୍, ସାଇ ସଙ୍ଗମ୍ ସଂଗୀତ ପରିବେଷଣ ସହ ହାସ୍ୟ ଅଭିନେତା ନନସେନ୍ସ ମଣି ଯୋଗଦେବେ । ୧୬ରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ପାମେଲା ଜେନ୍ ଏବଂ ଗିତ୍ ସାଗର ସଂଗୀତରେ ଝୁମଇବେ । ସେହିପରି କୁନିକୁନି ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ସାଙ୍ଗକୁ ନାରୀ ଶକ୍ତିର ନିଆରା ଝଲକ ଓ ରାମ୍ପ ଶୋ ଅଧିକ ଆକର୍ଷଣ କରିବ । ଓଡ଼ିଶାର କଳାସଂସ୍କୃତି ଅକ୍ଷୁର୍ଣ ରଖିବାକୁ ଅଧିକରୁ ଅଧିକ ଭାବେ ପରିବ୍ୟାପ୍ତ କରିବା ପାଇଁ ନୂଆଗାଁ ଗ୍ରାମୀଣ ବିକାଶ ମଂଚ ପ୍ରତିବଦ୍ଧ ବୋଲି ନୂଆଗାଁ ଗ୍ରାମୀଣ ବିକାଶ ମଂଚ ସମ୍ପାଦକ ଡ ଚିନ୍ମୟନନ୍ଦ ବଡ଼ଜେନା, ସଭାପତି ବସନ୍ତ କୁମାର ବରାଳ ସୂଚନା ଦେଇ କହିଛନ୍ତି ।

ବନ୍ଧୁ ମିଳନ ଓ ପତ୍ରିକା ଉନ୍ମୋଚିତ

ଜୟପୁର : (ହି.ସ.) - ଭୁବନେଶ୍ୱର ରେଡକ୍ରସ ଭବନରେ ମୈତ୍ରେୟୀ ପଂଚମ ବନ୍ଧୁମିଳନ ଏବଂ ପତ୍ରିକା ଉନ୍ମୋଚନ ଉତ୍ସବରେ ଶିଶୁଗାଳ୍ପିକା ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କର ଷଷ୍ଠ ସଙ୍କଳନ 'ଗପ ବଗିଚା' (ଶିଶୁଗଳ୍ପ ସଙ୍କଳନ) ଲୋକାର୍ପିତ ହୋଇସାରିଛି । ମଂଚରେ ଅନୁଷ୍ଠାନର ସଭାପତି ଡ. ସୁଷମା ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦିକା ବିଶିଷ୍ଟ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ, ଅତିଥି ବିଶିଷ୍ଟ ଲେଖିକା କବିତା ବାରିକ ଓ ବିଶିଷ୍ଟ ଅନୁବାଦିକା କନକମଞ୍ଜରୀ ସାହୁ ଉପସ୍ଥିତ ଥିଲେ । ପ୍ରକାଶିକା ମାନମୟୀ ରଥ ଓ ମଂଚ ଆସୀନ ଅତିଥିଙ୍କ ଉପସ୍ଥିତିରେ ପୁସ୍ତକଟି ଉନ୍ମୋଚିତ ହୋଇସାରିଛି । ଗତକାଲି ଏହି ସାହିତ୍ୟ ସମ୍ମିଳନୀରେ ସତୁରୀରୁ ଉର୍ଦ୍ଧ୍ୱ ସାହିତ୍ୟିକଙ୍କ ଉପସ୍ଥିତିରେ ମୈତ୍ରେୟୀ ସାହିତ୍ୟ ସର୍ଜନାରେ ରାଜକିଶୋର ଦାସ, ଶରତ କୁମାର ସାହୁ, ଅରବିନ୍ଦ ବେହେରା, ସୁମିତ ପଣ୍ଡାଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ବେଳେ ଡ. ମଞ୍ଜୁବାଳା ପଣ୍ଡା, ଭବାନୀ ଭୂୟାଁ,ରାଜଲକ୍ଷ୍ମୀ ତ୍ରିପାଠୀ, ମୌସୁମୀ ଦାସ, ବିଜୟଲକ୍ଷ୍ମୀ ନାୟକଙ୍କୁ ମୈତ୍ରେୟୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ମଂଚ ଆସୀନ ଅତିଥୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ମୈତ୍ରେୟୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଅତିଥି ପରିଚୟ ନନ୍ଦିତା ମହାନ୍ତି ପ୍ରଦାନ କରିଥିବା ବେଳେ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ ମୈତ୍ରେୟୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଓ ସୁଚିଶ୍ମିତା ଦାଶ । ପ୍ରଥମ ଅଧିବେଶନରେ ସୁଚିତ୍ରା ମିଶ୍ରଙ୍କ ଧନ୍ୟବାଦ ଅର୍ପଣ ପରେ କବିତା ପାଠ କରାଯାଇଥିଲା । ଓଡ଼ିଶାର କୋଣାନୁକୋଣରୁ ମୈତ୍ରୀୟୀମାନଙ୍କର ଏହି ବିଶେଷ ସମାବେଶରେ ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ଶିଶୁଗଳ୍ପ ସଙ୍କଳନଟି ବହୁଳ ପାଠକୀୟତା ଲାଭକରିବ ବୋଲି ଉପସ୍ଥିତ ସାହିତ୍ୟିକଙ୍କ ମହଲରେ ଚର୍ଚ୍ଚା ହୋଇଛି ।

ଭୋଟର ତାଲିକା ସଂଶୋଧନ ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ମାଲକାନଗିରି : (ହି.ସ.)- ଆଗାମୀ ସ୍ପେଶାଲ ସମରୀ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତ ପ୍ରତିଶତ ସଫଳ କରିବା ଏବଂ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ୟାପକ ସ୍ୱିପ୍ କାର୍ଯ୍ୟକ୍ରମ ଓ 'ଚୁନାବ ପାଠଶାଳା' ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ମାଧ୍ୟମରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଖଇରପୁଟ ବ୍ଲକ ଅନ୍ତର୍ଗତ କୁମାରପୁଟର ବୁଥ୍ ନଂ-୧୦୭ ଏବଂ କୁମାରପୁଟ-୨ର ବୁଥ୍ ନଂ-୧୦୮ ଠାରେ ସ୍ଥାନୀୟ ଏଇଆରଓ-ତଥା-ବିଡିଓଙ୍କ ପ୍ରତ୍ୟକ୍ଷ ସଭାପତିତ୍ୱରେ ଏକ ବିଶେଷ 'ଚୁନାବ ପାଠଶାଳା'ର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଗ୍ରାମର ବହୁ ସଂଖ୍ୟାରେ ମହିଳା ଓ ଯୁବ ଭୋଟର ଯୋଗ ଦେଇଥିଲେ । ସେମାନଙ୍କୁ ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଏବଂ ନିଜର ନାମ ଯାଂଚ୍ କରିବା ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯିବା ସହ ଫର୍ମ ପୂରଣ ବିଷୟରେ ବୁଝାଯାଇଥିଲା ।ସେହିପରି ମାଥିଲି ବ୍ଲକର ଭାଗ ସଂଖ୍ୟା ୨୭ ଏବଂ ଭାଗ ସଂଖ୍ୟା ୨୮ ଠାରେ ଏକ ବ୍ୟାପକ ସ୍ୱିପ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଥିଲି ଏଇଆରଓ-ତଥା-ବିଡିଓଙ୍କ ସମେତ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ, ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲ୍ଓ ସୁପରଭାଇଜରମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଗ୍ରାମବାସୀଙ୍କୁ ଆଗାମୀ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ବିଶେଷ କରି ୧୮ ବର୍ଷ ବୟସ ହୋଇଥିବା ନୂତନ ଯୁବକ ଯୁବତୀମାନେ ଯେପରି ନିଜର ନାମ ପଞ୍ଜୀକରଣ କରାଇବେ, ସେଥିପାଇଁ ବିଏଲ୍ଓମାନଙ୍କୁ ଘରକୁ ଘର ବୁଲି ସୂଚନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଅପରପକ୍ଷରେ, ବାଲିମେଳା ଏନଏସି ଅନ୍ତର୍ଗତ ବୁଥ୍ ନଂ-୧୬୭ ଏବଂ ୧୭୧ ଠାରେ ମଧ୍ୟ ସ୍ଥାନୀୟ ବିଏଲ୍ଓ ଏବଂ ସାଧାରଣ ଜନସାଧାରଣଙ୍କୁ ନେଇ ଚୁନାବ ପାଠଶାଳା ଆୟୋଜିତ ହୋଇଯାଇଛି । ଏହି ପାଠଶାଳାରେ ଉପସ୍ଥିତ ଲୋକଙ୍କ ସହ ଭୋଟର ତାଲିକା ନବୀକରଣ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରାଯାଇଥିଲା । ଆଇଡି କାର୍ଡରେ ଥିବା ଫଟୋ, ନାମ କିମ୍ବା ଠିକଣା ଭୁଲ୍ ଥିଲେ ତାହାକୁ କିଭଳି ଅନଲାଇନ୍ କିମ୍ବା ଅଫଲାଇନ୍ ମାଧ୍ୟମରେ ସଂଶୋଧନ କରାଯାଇପାରିବ, ସେ ନେଇ ଡେମୋ ମାଧ୍ୟମରେ ବୁଝାଯାଇଥିଲା । ଏହି ସମସ୍ତ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାରେ ଏକ ସ୍ୱଚ୍ଛ, ନିର୍ଭୁଲ ଓ ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତ କରିବା, ଯେପରି କୌଣସି ବି ଯୋଗ୍ୟ ମତଦାତା ନିଜର ଅଧିକାରରୁ ବଂଚିତ ନ ହୁଅନ୍ତି ।

ଜନ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର

ମାଲକାନଗିରି : (ହି.ସ.)- ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ କୋରୁକୋଣ୍ଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣୀ କରିଥିଲେ । କୋରୁକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଆସିଷ୍ଟାଂଟ କଲେକ୍ଟର ପ୍ରୀତମ ଦେବତା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ୱତନ୍ତ୍ର ସମାଧାନ ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସହାୟତା, ଜମିଜମା ବିବାଦ, ରାସନ କାର୍ଡ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୋଟ ୭୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଭତା, ବାସଗୃହ ଓ ଚିକିତ୍ସା ସହାୟତା ସମ୍ପର୍କିତ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମର ରାସ୍ତାଘାଟ, ବିଜୁଳି ଓ ସାମୂହିକ ବିକାଶକୁ ନେଇ ଆଉ ୩୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଆବେଦନ ଆସିଥିଲା । ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମାମଲାର ତୁରନ୍ତ ଫଇସଲା କରାଯିବା ସହ ବାକି ସମସ୍ୟା ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସର୍ବଦା ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ । ପ୍ରତିଟି ଅଭିଯୋଗର ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ତଥା ସମୟସୀମା ମଧ୍ୟରେ ପ୍ରତିକାର କରିବା ପ୍ରଶାସନର ମୂଳ ଲକ୍ଷ୍ୟ, ଯେପରି କୌଣସି ବି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଂଚିତ ହେବେ ନାହିଁ । ଜନସାଧାରଣ ନିଜ ସମସ୍ୟା ବିଷୟରେ ବିନା ଦ୍ୱିଧାରେ ପ୍ରଶାସନକୁ ଜଣାନ୍ତୁ, ପ୍ରଶାସନ ପ୍ରତିଟି ସ୍ତରରେ ଜନସାଧାରଣଙ୍କ ସହ ରହିଛି । ପ୍ରଶାସନିକ ଅଧିକାରୀମାନେ ନିଜେ ଲୋକଙ୍କ ପାଖକୁ ଆସି ସମସ୍ୟା ବୁଝୁଥିବାରୁ କୋରୁକୋଣ୍ଡା ଅଂଚଳବାସୀ ଏହି ମିଳିତ ଅଭିଯୋଗ ପ୍ରତିକାର ଶିବିରକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

ଏସବିଆଇ ମାଲକାନଗିରି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି : (ହି.ସ.)- ଏସବିଆଇ ମାଲକାନଗିରି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନ ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମାଲକାନଗିରି ଶାଖା ପରିସରରେ ଆଜି ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଶାଖାର ମୁଖ୍ୟ ପ୍ରବନ୍ଧକ ବିନୋଦ କୁମାର ବିଷୋୟୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ।

ଏହା ବ୍ୟତୀତ ଉପ-ଶାଖା ପ୍ରବନ୍ଧକ ଅଜିତ କୁମାର ଆଚାର୍ଯ୍ୟ, ଆରଏମ୍ଏସଏମ୍ଇ ଅଧିକାରୀ ବୈଷ୍ଣବ ହାଁସଦା, କ୍ୟାସ ଅଫିସର ନିର୍ମଳ କୁମାର ବେବର୍ତା, ଫିଲ୍ଡ ଅଫିସର ରୋହିତ କୁମାର ଟପ୍ପୋ, ସବ୍ୟସାଚୀ ଦାସ ଏବଂ ମାଲକାନଗିରି ସରକାରୀ ମହାବିଦ୍ୟାଳୟର +୩ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀମାନେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ପରିସରରେ ଆମ୍ବ ଗଛ, ପିଜୁଳି ଗଛ, ଓଉ ଗଛ ସମେତ ଅନ୍ୟାନ୍ୟ ଫଳ ଓ ଅନେକ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା । ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପୀଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ମୁଖ୍ୟ ଅତିଥି ଡକ୍ଟର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ବିଷୋୟୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଜଣାଇଥିଲେ । ଶେଷରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରି ପରିବେଶ ସୁରକ୍ଷାରେ ସାମିଲ ହେବା ପାଇଁ ସମସ୍ତ ନାଗରିକଙ୍କୁ ଆହ୍ୱାନ ଜଣାଇଥିଲେ ।

ରାସନକାର୍ଡ ବଂଟନ କଲେ ଅଧକ୍ଷା

ନୂଆପଡ଼ା :(ହି.ସ.)- ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି କଥା ଦେଇ କଥା ରଖିଛନ୍ତି ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ । ଦୀର୍ଘ ଦିନ ଧରି ରାସନ କାର୍ଡ ପାଇବାରୁ ବଂଚିତ ହୋଇଥିବା ଅନେକ ଯୋଗ୍ୟ ପରିବାରଙ୍କୁ ସେ ନିଜେ ପହଂଚି ରାସନ କାର୍ଡ ବସଟନ କରିଛନ୍ତି । ଏହା ଦ୍ୱାରା ସମ୍ପୃକ୍ତ ପରିବାରଗୁଡ଼ିକ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ସୂଚନା ଅନୁସାରେ, ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଲଛିପୁର ସତନାମୀପଡାର ଅନେକ ଯୋଗ୍ୟ ହିତାଧିକାରୀ ଅନେକ ସମସ୍ୟାର ଜର୍ଜରିତ ଖବର ପାଇ ଖଡ଼ିଆଳ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସରଜମିମ ତଦନ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ । ୧୫ ରୁ ୨୦ ପରିବାର ଆବାସ ଘର ପାଇବାରୁ ବଂଚିତ ଥିବାବେଳେ ଅନେକଙ୍କ ବର୍ତମାନ ରାସନକାର୍ଡ ମଧ୍ୟ ନଥିବା ଜାଣିବାକୁ ପାଇ ଥିଲେ । ଆସନ୍ତା ଦୁଇ ମାସ ଭିତରେ ସବୁ ସମସ୍ୟାର ସମାଧାନ ହେବାର ପ୍ରତିଶୃତି ଦେଇ ଆସିଥିଲେ ଓ ଆଜି ମାତ୍ର ସାତ ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ତିଆରି କରି ନିଜେ ନିଜ ସମର୍ଥକ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ସହ ଲଛିପୁର ଗାଁ ଯାଇ ରାସନ କାର୍ଡ ବ[ନ କରିଛନ୍ତି । ପ୍ରତିଶ୍ରୁତି ଅନୁଯାୟୀ ସେ ସମ୍ପୃକ୍ତ ପଡ଼ାକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ ଏବଂ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଂଚ୍ କରି ରାସନ କାର୍ଡ ବଂଟନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଂଚାଇବା ତାଙ୍କର ପ୍ରାଥମିକତା ଏବଂ କୌଣସି ହିତାଧିକାରୀ ବଂଚିତ ରହିବେ ନାହିଁ । ଆଜି ରାସନ କାର୍ଡ ଦିଆ ହୋଇଛି ଖୁବ ଶୀଘ୍ର ସେମାନଙ୍କୁ ଆବାସ ଘର ମଧ୍ୟ ବଂଟନ କରାଯିବ, ମୋ ଉପରେ ଯେଉଁଭଳି ଭାବରେ ବିଶ୍ୱାସ ରଖିଛନ୍ତି ସେହି ବିଶ୍ୱାସରେ କେବେ ସେମାନଙ୍କୁ ନିରାଶ ହେବାକୁ ଦେବି ନାହିଁ ବୋଲି ଶ୍ରୀମତୀ ନନ୍ଦ କହିଛନ୍ତି । ରାସନ କାର୍ଡ ପାଇବା ପରେ ଲାଭାନ୍ୱିତ ପରିବାରମାନେ ଅଧକ୍ଷାଙ୍କ ପଦକ୍ଷେପକୁ ସ୍ୱାଗତ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ସେମାନେ କହିଥିଲେ ଯେ, ରାସନ କାର୍ଡ ନଥିବାରୁ ବିଭିନ୍ନ ସରକାରୀ ସୁବିଧା ପାଇବାରେ ଅସୁବିଧା ହେଉଥିଲା, ଯାହା ବର୍ତମାନ ଦୂର ହୋଇଛି । ଅଂଚଳବାସୀଙ୍କ ମତରେ, ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଏହି ପଦକ୍ଷେପ ଜନ ସମସ୍ୟା ପ୍ରତି ତାଙ୍କର ଦାୟିତ୍ୱବୋଧ ଓ ଜନସେବା ପ୍ରତି ଥିବା ପ୍ରତିବଦ୍ଧତାର ପରିଚୟ ଦେଉଛି । ତାଙ୍କର ଏହି କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ବ୍ୟାପକ ପ୍ରଶଂସା କରାଯାଉଛି ।

ତ୍ରୟବାର୍ଷିକି ସମ୍ମିଳନୀ ନେଇ ବୈଠକ

ଜୟପୁର :(ହି.ସ.)- ଓଡ଼ିଶା ଅମଲା ସଂଘର ୧୭ ତମ ତ୍ରୟୋବାର୍ଷିକି ସମ୍ମିଳନିକୁ ନେଇ ଜୟପୁର ଯାଦବ ଭବନ ଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଓଡ଼ିଶା ଅମଲା ସଂଘ ଆଂଚଳିକ ସମ୍ପାଦକ କୈଳାଶ ସାମନ୍ତରାୟଙ୍କ ଦ୍ୱାରା ଆୟୋଜିତ ବୈଠକରେ ଓଡ଼ିଶା ଅମଲା ସଂଘର ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଯୋଗଦାନ କରିବା ସହିତ ସଂଘର କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗଦାନ କରିଥିଲେ କ୍ଷ ଏଥି ପୂର୍ବରୁ ଓଡ଼ିଶା ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନି କୋରାପୁଟ ଜିଲ୍ଲାରେ କରିବା ନିମନ୍ତେ ଶ୍ରୀ ଦାଶ୍ ବାରମ୍ବାର ରାଜ୍ୟ ସଂଘର ଦୃଷ୍ଟି ଆକର୍ଷଣ କରିବା ସହିତ ଜୟପୁର ଠାରେ ବୈଠକ ଡାକିଥିଲେ । ସାମ୍ବାଦିକ ସମ୍ମିଳନୀ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅପରପକ୍ଷରେ କିଛି କୁଚକ୍ରାନ୍ତକାରୀ ଅମଲା, ରାଜସ୍ୱ ଅମଲା ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଯେଉଁଭଳି ଭାବରେ କୁଚକ୍ରାନ୍ତ କରି ହଜାର ହଜାର ଅମଲାଙ୍କ ଆଖିରେ ଧୂଳି ଦେଇ ପୁରୀ ଠାରେ ଏକ ତ୍ରୟବାର୍ଷିକି ସମ୍ମିଳନି କରିବା ସହିତ ଲୁକ୍କାୟିତ ଭାବେ କର୍ମକର୍ତା ଚୟନ କରି ଘୋଷଣା କରିଥିଲେ । ଏହାକୁ ସମଗ୍ର ଜିଲ୍ଲାର ଅମଲା ମାନେ ବିରୋଧ ପ୍ରଦର୍ଶନ କରିବା ସହିତ ଆନ୍ଦୋଳନ କରି ଏହାକୁ ସ୍ଥଗିତ କରାଇଥିଲେ । ଏହା ଶ୍ରୀ ଦାଶ୍ ସମସ୍ତଙ୍କୁ ଅବଗତ କରାଇବା ସହିତ ଉକ୍ତ ଚୟନ ପ୍ରକ୍ରିୟାରେ ୫ ଲକ୍ଷ ଟଙ୍କା କାରବାର ହୋଇଥିବାର ସୂଚନା ମିଳୁଥିବା ସମସ୍ତଙ୍କୁ ଅବଗତ କରାଇଥିଲେ । ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏସବୁ କରାଇଥିବା ସୂଚନା ମିଳିଛି ବୋଲି ଶ୍ରୀ ଦାଶ୍ ପ୍ରକାଶ କରିଥିଲେ । ଏନେଇ ଉଚ୍ଚ ନ୍ୟାୟାଳୟରେ ଏକାଧିକ ମାମଲା ରୁଜୁ ହୋଇଥିବା ଶ୍ରୀ ଦାଶ ପ୍ରକାଶ କରିଥିଲେ । ତେଣୁ ସମସ୍ତଙ୍କ ମତାମତକୁ ଆଧାର କରି ବିଭିନ୍ନ ଜିଲ୍ଲାର କର୍ମକର୍ତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ତଙ୍କ ମତାମତକୁ ଆଧାର କରି ହୁଏ ତ କୋରାପୁଟ ଜିଲ୍ଲାରେ ତ୍ରୟବାର୍ଷିକି ସମ୍ମିଳନୀ କରି ଅସମ୍ପୂର୍ଣ୍ଣ ରହିଥିବା ତ୍ରୟବାର୍ଷିକି ସମ୍ମିଳନିର କୋରାପୁଟ ଜିଲ୍ଲାରେ ଅତି ଶିଘ୍ର ମୁଣ୍ଡି ମାରିବା ନେଇ ସୂଚନା ଦେଇଥିଲେ ।

ଏକ ସପ୍ତାହବ୍ୟାପୀ ବ୍ୟାଡମିଂଟନ ସମର କ୍ୟାମ୍ପ ଅନୁଷ୍ଠିତ

କନ୍ଧମାଳ : (ହି.ସ.) - ଫୁଲବାଣୀ ଇନଡୋର ଷ୍ଟାଡିୟମରେ ରାଜ୍ୟ କ୍ରିଡା ଓ ଯୁବ ବ୍ୟାପାର ପରିଚାଳନାରେ ଜୁନିୟର ବର୍ଗର ଏକ ସପ୍ତାହ ବ୍ୟାପୀ ବ୍ୟାଡମିନଟନ ସମର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଗତ ଏକ ତାରିଖ ରେ ଆରମ୍ଭ ହୋଇଥିବା ଏହି ଶିବିର ରେ ୩ ଜଣ ବାଳିକାଙ୍କ ସମେତ ସମୁଦାୟ ୫୭ ଜଣ ଅଂଶଗ୍ରହଣ କରିଥିଲେ । ଶିବିରର ଶେଷ ଦିନରେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଙ୍ଗଲ୍ସ ୱିନର ଭାବରେ ଅଭିଜିତ୍ କହଁର ବିବେଚିତ ହୋଇଛନ୍ତି । ସେହିପରି ରନରସଅପ୍ ଭାବରେ ଦିବ୍ୟଜ୍ୟୋତି ମହାନ୍ତି ଏବଂ ଦ୍ୱିତୀୟ ରନର୍ସଅପ୍ ଭାବରେ,ସାଇକ୍ରିଷ୍ଣା ମହାନ୍ତି ଅକୃତକାର୍ଯ୍ୟ ହୋଇଥିବା ବେଳେ,ଡବଲ୍ସରେ ୱିନର ଭାବରେ ଦିବ୍ୟଜ୍ୟୋତି ଓ ଅଭିଜିତ୍ ହୋଇଛନ୍ତି । ସେହିପରି ରନର୍ସଅପ୍ ଭାବରେ ସାଇକ୍ରିଷ୍ଣା ଓ ଅଂଶୁମାନଙ୍କର ଜୋଡି ଏବଂ ଦ୍ୱିତୀୟ ରନରସଅପ୍ ଭାବରେ ଓମ୍ ସତ୍ୟପ୍ରକାଶ ବାଣୁଆ ଓ ଆରବ ଦେହୁରୀଙ୍କ ଜୋଡି ବିବେଚିତ ହୋଇଛନ୍ତି । ଆଜି ଶେଷ ସନ୍ଧ୍ୟାରେ ଅନୁଷ୍ଠିତ ଏହି ଫାଇନାଲ୍ ଖେଳରେ ଶେଷ ପରେ । ସମର କ୍ୟାମ୍ପ ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ,କନ୍ଧମାଳ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବଣୁଆ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଅୟୋଜିତ ଏହି ସମର କ୍ୟାମ୍ପ ର ପ୍ରସଂଶା କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ବ୍ୟାଡମିନ୍ଟନ ଆସୋସିଏସନର ସଭାପତି ତଥା ପୂର୍ବତନ ଖେଳାଳି ଅଶୋକ କୁମାର ପଟ୍ଟନାୟକ,ସମ୍ପାଦକ ତଥା ଜାତୀୟ ସ୍ତରର ଖେଳାଳି ଓ ଟିମ୍ ମ୍ୟାନେଜର ଦୀପକ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର ଓ ବରିଷ୍ଠ ଖେଳାଳି ଶ୍ରୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ମୁଖ୍ୟ ଅତିଥିଙ୍କ ସମେତ ଖେଳାଳି ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସପ୍ତାହ ବ୍ୟାପୀ ଏହି ସମର କ୍ୟାମ୍ପ କୁ ଫୁଲବାଣୀ ଇନଡୋର ଷ୍ଟାଡିୟମ ର ପ୍ରଶିକ୍ଷକ ଶ୍ରୀ ଅସୀମ କୁମାର ନାୟକ ପରିଚାଳନା କରିଥିଲେ । ଅୟୋଜିତ ଏହି ଶିବିର କୁ ସମସ୍ତ ଅଭିଭାବକ ମହଲରେ ପ୍ରସଂଶା କରାଯାଇଛି ।

ସଂଗଠନ ବିସ୍ତାର ପାଇଁ ୯୬ ଗାଁରେ ସଂକଳ୍ପ

ସୁବର୍ଣପୁର : (ହି.ସ.) - ପବିତ୍ର ପାତାଳୀ ଶ୍ରୀକ୍ଷେତ୍ର , କୋଟସମଲାଇ ଠାରେ ଆଜି ଉଲୁଣ୍ଡା ବ୍ଲକ୍ ବ୍ରାହ୍ମଣ ସମାଜ ପରିଚାଳନା କମିଟି ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କ୍ଷେତ୍ର ସ୍ଥିତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ବୈଠକ ରେ ସ୍ଥିରୀକୃତ ସମସ୍ତ କାର୍ଯ୍ୟକାରିଣୀ ସଭ୍ୟ ମାନେ ପ୍ରଥମେ ଶ୍ରୀଜିଉ ମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ବିଷ୍ଣୁ ସହସ୍ରନାମ ପାଠ ସହ ବ୍ରାହ୍ମଣ ସମାଜ ଓ ବିଶ୍ୱ କଲ୍ୟାଣ ନିମିତ ଚତୁର୍ଦ୍ଧାମୂର୍ତିଙ୍କ ଦିବ୍ୟ ଆଳତୀ ଅନୁଷ୍ଠିତ ହୋଇଥିଲା । ଏହାପରେ କୋଟସମଲାଇ ଗ୍ରାମର ବ୍ରାହ୍ମଣମାନେ କାର୍ଯ୍ୟକାରିଣୀ ସଭ୍ୟ ମାନଙ୍କୁ ସଗନ୍ଧ ପୁଷ୍ପ ପାଦଧୋଇ ସ୍ୱାଗତ କରିଥିଲେ । ଅନୁଷ୍ଠିତ ସଭା ର ସଭାପତିତ୍ୱ କରିଥିଲେ କାର୍ଯ୍ୟକାରିଣୀ ସଭା ର ସଭାପତି ପ୍ରଶାନ୍ତ ଶତପଥୀ । ପୂର୍ବତନ ବିଧାୟକ ରବିନାରାୟଣ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ମିଶ୍ର, ଉପସଭାପତି ଧ୍ରୁବ ଚରଣ ପାଣିଗ୍ରାହୀ, ସମ୍ପାଦକ ଲକ୍ଷ୍ମଣ ପାଣ୍ଡିଆ ଆଦି ମଂଚାସୀନ ଥିଲେ । ସଭାପତି ଶ୍ରୀ ଶତପଥୀ ଜାତି ଉନ୍ନତି ସହିତ ସମାଜ ଓ ବିଶ୍ୱ କଲ୍ୟାଣ ପାଇଁ ଧର୍ମ, ଗ୍ରାମ, ଦେବତା, ଯଜ୍ଞ, ଅଧ୍ୟୟନ, ଅଧ୍ୟାପନ ର ଉନ୍ନତି ସକାଶେ ଆଜି ର ବୈଠକ ରେ ଆଲୋଚନା କରିବା ବୋଲି କହିଥିଲେ । ସମଗ୍ର ଉଲୁଣ୍ଡା ବ୍ଲକ୍ ରେ ପ୍ରତି ପଂଚାୟତ ରେ ୯୬ ଗାଁ ରେ ଆଗକୁ ସଂଗଠନ କରିବାପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ପ୍ରତ୍ୟେକ ପଂଚାୟତ ରେ ସଂଯୋଜକ,ସହ ସଂଯୋଜକଙ୍କୁ ମାନୋନୀତ କରିବା କାର୍ଯ୍ୟ ଶୀଘ୍ର ସମ୍ପାଦିତ ହେବ ତା ଉପରେ ମତ ପ୍ରକାଶ କରାଯାଇଥିଲା । ସର୍ବସମ୍ମତି କ୍ରମେ ସମାଜ ର ଆଇନ୍ ପରାମର୍ଶଦାତା ଭାବେ ରବିନାରାୟଣ ପାଣିଗ୍ରାହୀ ଓ ବଳଦେବ ବେଦବାକଙ୍କୁ ମନୋନୀତ କରାଯାଇଥିଲା ।ସହ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କୁ କାର୍ଯ୍ୟକାରିଣୀ ସଭା ରେ ମନୋନୀତି କରାଯାଇଥିଲା । ସଂଗଠନ ସମ୍ପାଦକ ଭାବେ ମହେଶ ରଞ୍ଜନ ପୁରୋହିତ ଓ ପ୍ରଦ୍ୟୁମ୍ନ କୁମାର ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା । ପୂର୍ବ ସଭାରୁ ମନୋନୀତ ୨୭ ଜଣ ଓ ସର୍ବୋପରି ସମସ୍ତ ବ୍ରାହ୍ମଣ ସମାଜ ର ଉନ୍ନତି ପାଇଁ ନିଜ ଦାୟିତ୍ୱ ସୂଚାରୁରୂପେ ଓ ଦାୟିତ୍ୱବାନ ଭାବେ ତୁଲେଇବେ ବୋଲି ସମସ୍ତେ ଶ୍ରୀ ଜଗନ୍ନାଥଙ୍କ ନାମରେ ସଂକଳ୍ପ ନେଇଥିଲେ । ସଭା ରେ ଶ୍ରୀ ପାଣିଗ୍ରାହୀ ବ୍ରାହ୍ମଣ ସମାଜ ର ଏକତା ପାଇଁ ସଂକଳ୍ପବଦ୍ଧ ହୋଇ ନିଜ ପୂର୍ବପୁରୁଷ ଙ୍କ ଉତମ ଉତରାଧିକାରୀ ହୋଇ ଆଗାମୀ ପିଢ଼ି ପାଇଁ ଉତମ ମାର୍ଗ ପ୍ରସ୍ତୁତ କରିବାପାଇଁ ଆହ୍ୱାନ କରିଥିଲେ । ଶୃଙ୍ଖଳା ହିଁ ବ୍ରାହ୍ମଣ ସମାଜ ସଙ୍ଗଠନ ର ପରିଚୟ ହେଉ ବୋଲି ସେ କହିଥିଲେ ।

ରକ୍ତଦାନ ଶିବିର ଅନୁଷ୍ଠିତ : ୩୨ ୟୁନିଟ୍ ରକ୍ତ ସଂଗ୍ରହ

ସୁବର୍ଣପୁର : (ହି.ସ.) - ମାରୱାଡି ଯୁବା ମଂଚ ସୋନପୁର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ମାରୱାଡି ଧର୍ମଶାଳା ଠାରେ ବିଶ୍ୱ ରକ୍ତ ଦାନ ଦିବସ ପାଳନ ସହିତ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ ନୃପ ରାଜ ସାହୁ ଯୋଗ ଦେଇ ଏହି ଉତ୍ସବ ଓ ରକ୍ତ ଦାନ ଶିବିର କୁ ଶୁଭ ଉଦ୍ଘାଟନ କରି ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଳୀନା ପଧାନ, ଏଡିଏମ୍ଓ ଡ଼ାକ୍ତର ଦୁର୍ଗା ଦତ ଦାଶ, ସୋନପୁର ବି ଡି ଓ ପ୍ରତୀକ କର, ଜିଲ୍ଲା ମାରୱାଡି ସମାଜ ସଭାପତି ଗୋପାଳ ପ୍ରାସାଦ ଭୂତ୍, ମାରୱାଡି ଯୁବା ମଂଚ ସଭାପତି ଅଙ୍କିତ ଅଗ୍ରୱାଲ, ସୁବର୍ଣ୍ଣପୁର ଜିଲ୍ଲା ର ଗୌରବ ଓଏଏସ କୃତି ଛାତ୍ର ନୀତେଶ ବାରିକ ଯୋଗ ଦେଇ ଯୁବା ମଂଚର ଏ ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ମାରୱାଡି ମହିଳା ସମିତି ସଭାପତି ମୁନି ଭାଇ ଅଗ୍ରୱାଲ, ମହିଳା ସମିତି ସଂପାଦକ ମୀନା ଅଗ୍ରୱାଲ, ଯୁବା ମଂଚ ସମ୍ପାଦକ ସଂସ୍କାର ଅଗ୍ରୱାଲ, ମାରୱାଡି ଯୁବା ମଂଚ କନଭେନର ରଘୁ ନନ୍ଦନ ଅଗ୍ରୱାଲ, ମାରୱାଡି ଯୁବା ମଂଚର ଆଖି ଓ ସ୍ୱାସ୍ଥ୍ୟ ର ରାଜ୍ୟ କନଭ୍ନେର ମନୋଜ ଅଗ୍ରୱାଲଙ୍କ ପରାମର୍ଶ ରେ ଏହି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯୁବା ମଂଚର ସଦସ୍ୟ ପ୍ରହ୍ଲାଦ ଅଗ୍ରୱାଲ, ନନ୍ଦଲାଲ ଅଗ୍ରୱାଲ, ମନୀଷ ଅଗ୍ରୱାଲ, ଚିନ୍ମୟ ଅଗ୍ରୱାଲ, ଅମିତ୍ ଅଗ୍ରୱାଲ, ଅଶୋକ ଭୂତ୍ , ଆନନ୍ଦ ଭୂତ୍, ଶେଖର ଭୂତ୍ , ଉମେଶ କମାଣି ଯୋଗ ଦେଇ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ କ୍ଷ ସୋନପୁର ର ଗୌରବ ଓଏଏସ ୮ ନମ୍ବର ରେଙ୍କ ଛାତ୍ର ନୀତେଶ ବାରିକ, ଦେବାଳୟ ସେବା କ୍ଷେତ୍ରରେ ବୈକୁଣ୍ଠ ଶତପଥୀ, ସ୍ୱଚ୍ଛ ଭାରତ ସେବା କ୍ଷେତ୍ରରେ ସଭାପତି ସୟଦ ଅଲିମୁଲ ଇସଲାମ, ଓଏଏସ୍ ଛାତ୍ର ନିତେଶ ଙ୍କ ବଡ ବାପା ବିଜେପି ସଂଗଠକ ଆନନ୍ଦ ବାରିକ୍, ସାମ୍ବାଦିକ ମୃତ୍ୟୁଞ୍ଜୟ ଶତପଥି, ମନୋରଞ୍ଜନ ତ୍ରିପାଠି, ମହାଦେବ ମଲ୍ଲିକ, ଓ ରାଜ କିଶୋର ତ୍ରିପାଠୀଙ୍କୁ ଏହି ଉତ୍ସବ ରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତ କେନ୍ଦ୍ର (ଭଣ୍ଡାର)ର ଡାକ୍ତର ଗୌରୀ ଶଙ୍କର ମେହେର, ଏଲ୍ ଟି ସୁଦାମ ବିଶ୍ୱାଳ, ଡାଟା ଅପରେଟର ଜଗତ ଦରୱାନ, ଏଟେନଡାଂଟ ଯୁଧିଷ୍ଠିର ନାଏକ୍, ଏମଆର ଟଙ୍କଧର କୁଅଁର, ଡ଼ଫୋଡ଼ିଲ ପଧାନ, ସୁରଭି ଲେଙ୍କା ପ୍ରମୁଖ ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହ ରେ ସହଯୋଗ କରିଥିଲେ । ଏହି ଶିବିର ରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଛୋଟ ସହରରୁ ବୈଶ୍ୱିକ କ୍ୟାମ୍ପସ: ଛାତ୍ରବୃତ୍ତି ଦେଉଛି ନୂଆ ଉଡ଼ାଣ

ଭାରତର ଗାଁ ଓ ଛୋଟ ସହରଗୁଡ଼ିକରୁ ଆରମ୍ଭ କରି ଅକ୍ସଫୋର୍ଡ ଏବଂ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟର ସୁଦୀର୍ଘ ସବୁଜିମା ଭରା କ୍ୟାମ୍ପସ ପର୍ଯ୍ୟନ୍ତ, ଜାତୀୟ ବୈଦେଶିକ ମେଧାବୃତି (ଏନଓଏସ) ଯୋଜନା ବିଭିନ୍ନ ମହାଦେଶରେ ଆଶା ଓ ଆକାଂକ୍ଷାର ଯାତ୍ରାକୁ ନୂତନ ଶକ୍ତି ଯୋଗାଉଛି । ତ୍ରିପୁରାର ଏକ ଦୁର୍ଗମ ଓ ଉପାନ୍ତ ଗାଁରେ ରହୁଥିବା ଦୀପାୟନ ଭୌମିକ ଦିନେ ଜଣେ ସ୍ଥାପତ୍ୟ ଶିଳ୍ପୀ ହେବାର ସ୍ୱପ୍ନ ଦେଖୁଥିଲେ, ଯଦିଓ ସେ ଅନ୍ତର୍ଜାତୀୟ ଶିକ୍ଷା ସହ ଜଡ଼ିତ ସୁଯୋଗଗୁଡ଼ିକଠାରୁ ଅନେକ ଦୂରରେ ବଡ଼ ହୋଇଥିଲେ । ତଥାପି, ନିଜର ଶିକ୍ଷାଗତ ନିଷ୍ଠା ଏବଂ ଜାତୀୟ ବୈଦେଶିକ ମେଧାବୃତିର ସହାୟତାରେ, ଦୀପାୟନ ଜର୍ମାନୀର ଷ୍ଟୁଟଗାର୍ଟ ବିଶ୍ୱବିଦ୍ୟାଳୟରେ 'ମାଷ୍ଟର ଅଫ୍ ସାଇନ୍ସ ଇନ୍ ଆର୍କିଟେକ୍ଚର ଆଣ୍ଡ ଅର୍ବାନ ଡିଜାଇନ୍' ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ ହୋଇପାରିଥିଲେ । ଜର୍ମାନୀରେ ରହିବା, ପଢ଼ିବା ଏବଂ କାମ କରିବା ତାଙ୍କୁ ଏକ ବିବିଧ ଅନ୍ତର୍ଜାତୀୟ ପରିବେଶ ସହିତ ପରିଚିତ କରାଇଥିଲା, ଯାହା କେବଳ ତାଙ୍କର ଶିକ୍ଷାଗତ ଦୃଷ୍ଟିକୋଣ ନୁହେଁ, ବରଂ ସମାଜ, ସ୍ଥାୟୀତ୍ୱ ଏବଂ ସହରୀ ବିକାଶ ପ୍ରତି ତାଙ୍କର ଦୃଷ୍ଟିକୋଣକୁ ମଧ ବଦଳାଇ ଦେଇଥିଲା । ସ୍ଥାପତ୍ୟ ଏବଂ ସହରୀ ଡିଜାଇନକ୍ଷେତ୍ରରେ ଉଭୟ ଭାରତୀୟ ଏବଂ ଜର୍ମାନ ଶୈଳୀରୁ ପ୍ରେରଣା ନେଇ, ସେ ନିଜର ଶିକ୍ଷାକୁ ବ୍ୟବହାର କରିବାର ସଂକଳ୍ପ ସହ ଭାରତ ଫେରିଥିଲେ । ଆଜି, ଦୀପାୟନ ନିଜର ସ୍ଥାପତ୍ୟ ବ୍ୟବସାୟ ଚଲାଉଛନ୍ତି, ଯାହା ମାଧ୍ୟମରେ ସେ ନିଜର ବୃତିଗତ କାର୍ଯ୍ୟ ଦ୍ୱାରା ସମାଜ ପାଇଁ ଅବଦାନ ରଖିବା ସହ ଅନ୍ୟମାନଙ୍କ ପାଇଁ ସୁଯୋଗ ମଧ ସୃଷ୍ଟି କରୁଛନ୍ତି । ସେ ସେହି ଶତାଧିକ ଅନୁସୂଚିତ ଜାତିର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଜଣେ, ଯାହାଙ୍କ ଜୀବନର ଗତିପଥ ଜାତୀୟ ବୈଦେଶିକ ମେଧାବୃତି ଯୋଗୁଁ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ଏହା ଭାରତ ସରକାରଙ୍କ ଏକ ଅଭିନବ ପ୍ରୟାସ, ଯାହା ବିଶ୍ୱର ଶୀର୍ଷ ସ୍ତରୀୟ ବିଦେଶୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସ୍ନାତକୋତର ଏବଂ ପିଏଚ୍.ଡି. ପାଠ୍ୟକ୍ରମ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଏହି ଯୋଜନା ଅଧୀନରେ ଟ୍ୟୁସନ ଫି, ଯାତ୍ରା ଖର୍ଚ୍ଚ, ରହିବା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଆବଶ୍ୟକତା ପୂରଣ କରାଯାଇଥାଏ, ଯାହାଫଳରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ନାମ ଲେଖାଇବା କୌଣସି ଛାତ୍ରର ଆର୍ଥିକ ସ୍ଥିତି ଉପରେ ନିର୍ଭର କରେ ନାହିଁ । ଏମିତି ଶତାଧିକ କାହାଣୀ ଅଛି ଯେଉଁଠି ପରିବାର ଲୋକେ ଜୀବନରେ ପ୍ରଥମ ଥର ପାଇଁ ପାସପୋର୍ଟ ଦେଖୁଛନ୍ତି, ଏବଂ ଏଭଳି ଅନେକ ପିତାମାତାଙ୍କ ଉଦାହରଣ ମଧ ରହିଛି ଯେଉଁମାନେ ନିଜ ପିଲାମାନଙ୍କୁ ଦୂର ବିଦେଶକୁ ପାଠ ପଢ଼ିବାକୁ ବା କାମ କରିବାକୁ ପଠାଉଛନ୍ତି, ଅଥଚ ସେମାନେ ନିଜେ କେବେ ଦେଶର କୌଣସି କଲେଜରେ ପାଦ ମଧ ଦେଇନାହାନ୍ତି । ୨୦୧୪ ମସିହାଠାରୁ, ଜାତୀୟ ବୈଦେଶିକ ମେଧାବୃତି ଯୋଜନା (ଏନ୍ଓଏସ୍) ବାର୍ଷିକ ୮ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ପରିବାରର ଛାତ୍ରଛାତ୍ରୀମାନଙ୍କୁ ବ୍ରିଟେନ, ଜର୍ମାନୀ, ଆମେରିକା ଠାରୁ ଆରମ୍ଭ କରି ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ୨୧ଟି ଦେଶର ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସହାୟତା ଯୋଗାଇ ଦେଇଛି । ଏଭଳି ଅନେକ ପରିବାର ପାଇଁ, କୌଣସି ବିଦେଶୀ ବିଶ୍ୱ ବିଦ୍ୟାଳୟରେ ଆବେଦନ କରିବା ନିମନ୍ତେ ମଧ ସେମାନଙ୍କୁ ପାଖରେ ଥିବା ଏକ ସାଇବର କାଫେ ଉପରେ ନିର୍ଭର କରିବାକୁ ପଡୁଥିଲା । ଜଣେ ବରିଷ୍ଠ ବୈଜ୍ଞାନିକ ଡକ୍ଟର ବୈଥିଲିଙ୍ଗମ୍ ରାଜେନ୍ଦ୍ରନ୍, ଯିଏକି ଆମେରିକାର ଓକ୍ଲାହୋମା ଷ୍ଟେଟ୍ ୟୁନିଭର୍ସିଟିରୁ ରସାୟନ ବିଜ୍ଞାନରେ ପିଏଚ୍ଡି ହାସଲ କରିଛନ୍ତି, ସେ ଜଣେ ଦିନମଜୁରିଆ ଦମ୍ପତିଙ୍କ ପୁଅ ଭାବେ ବଡ଼ ହୋଇଥିଲେ । ସେ ନିକଟସ୍ଥ ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ନିଜର ସ୍କୁଲ୍ ଏବଂ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ ଏବଂ ଉଚ୍ଚଶିକ୍ଷା ଗ୍ରହଣ କରିବା ସମୟରେ ଅନେକ ଆର୍ଥିକ ଅଭାବ ଅନାଟନ ମଧ ଦେଇ ଗତି କରିଥିଲେ । ତଥାପି, ଦୃଢ଼ ସଂକଳ୍ପ ଏବଂ ନିରନ୍ତର ପ୍ରଚେଷ୍ଟା ବଳରେ ସେ ନିଜର ପିଏଚ୍ ?ଡି ଗବେଷଣା ସଫଳତାର ସହ ଶେଷ କରିଥିଲେ ଏବଂ ଆଗକୁ ଯାଇ ଏକ ପ୍ରତିଷ୍ଠିତ ବୈଜ୍ଞାନିକ କ୍ୟାରିୟର୍ ଗଢ଼ି ପାରିଥିଲେ । ଏହିଭଳି ଛାତ୍ରଛାତ୍ରୀ ମାନେ ଯେତେବେଳେ ସ୍ୱଦେଶ ଫେରନ୍ତି, ସେମାନେ କେବଳ ଏକ ଡିଗ୍ରୀ କିମ୍ବା ମୋଟା ଅଙ୍କର ଦରମା ଥିବା ଚାକିରି ଆଣନ୍ତି ନାହିଁ, ବରଂ ନିଜ ସମାଜର ଲୋକଙ୍କ ପାଇଁ ଆଶା, ଅସଂଖ୍ୟ ସୁଯୋଗ ଏବଂ ଆକାଂକ୍ଷା ମଧ ନେଇ ଆସନ୍ତି । 'ଜାତୀୟ ବିଦେଶୀ ମେଧାବୃତି' ଭଳି ବୃତିଗୁଡ଼ିକୁ ପ୍ରାୟତଃ କେବଳ ଏକ ଆର୍ଥିକ ସହାୟତା କାର୍ଯ୍ୟକ୍ରମ ଭାବରେ ଦେଖାଯାଏ । କିନ୍ତୁ ବାସ୍ତବରେ, ଏଗୁଡ଼ିକ ହେଉଛି ମାନବ ସମ୍ବଳ ଏବଂ ଜ୍ଞାନ ସୃଷ୍ଟି କ୍ଷେତ୍ରରେ ଦୀର୍ଘକାଳୀନ ପୁଞ୍ଜି ନିବେଶ । ବିକଶିତ ଦେଶଗୁଡ଼ିକ କେବଳ ରାସ୍ତାଘାଟ, ବ୍ରିଜ୍ କିମ୍ବା ବିମାନବନ୍ଦର ଦ୍ୱାରା ଗଠିତ ହୁଅନ୍ତି ନାହିଁ, ସେଗୁଡ଼ିକ ଶ୍ରେଣୀଗୃହରେ ମଧ ଗଢ଼ାହୋଇଥାନ୍ତି । ଏଭଳି ସ୍କଲାରସିପ୍ ପାଇ ସୀମା ପାର ହେଉଥିବା ପ୍ରତ୍ୟେକ ଛାତ୍ର ଭାରତର 'ବିକଶିତ ଭାରତ ୨୦୪୭' ସ୍ୱପ୍ନକୁ ସାକାର କରିବାର ଆତ୍ମବିଶ୍ୱାସ ଓ ସାମର୍ଥ୍ୟ ନେଇ ଫେରିଥାନ୍ତି । ଏହାହିଁ ହେଉଛି ଗୋଟିଏ ସ୍କଲାରସିପ୍ ?ର ଚକ୍ରବୃଦ୍ଧି ରିଟର୍ଣ୍ଣ ବା ଫାଇଦା । ମେଧାବୃତିର ଗୁରୁତ୍ୱ କେବଳ ଶିକ୍ଷା ପାଇଁ ଅର୍ଥ ଯୋଗାଇବାରେ ସୀମିତ ନୁହେଁ,ବରଂ ସେହି ଛାତ୍ରଛାତ୍ରୀମାନଙ୍କ ଚାରିପାଖରେ ଏକ ସ୍ଥିରତାର ପରିବେଶ ସୃଷ୍ଟି କରିବାରେ ରହିଛି, ଯେଉଁମାନେ ପ୍ରଥମ ଥର ପାଇଁ ଏକ ନୂଆ ଶିକ୍ଷାଗତ ଏବଂ ସାମାଜିକ ଦୁନିଆରେ ପାଦ ଦେଇଥାନ୍ତି । ଅନେକ ପ୍ରଥମ ପିଢ଼ିର ଶିକ୍ଷାର୍ଥୀଙ୍କ ପାଇଁ, ଆହ୍ୱାନ କେବଳ ନାମ ଲେଖାଇବା ମଧ୍ୟରେ ସୀମିତ ନଥାଏ । ଏହା ପରର ଯାତ୍ରାକୁ ବଜାୟ ରଖିବା, ମହଙ୍ଗା ସହର ଗୁଡ଼ିକରେ ରହିବା ଖର୍ଚ୍ଚ ତୁଳାଇବା, ବହି କିମ୍ବା ଡିଜିଟାଲ୍ ଡିଭାଇସ୍ କିଣିବା, ରହିବା ସ୍ଥାନର ଭଡ଼ା ଏବଂ ଏହିଭଳି ସୁଯୋଗ ସହିତ ଜଡ଼ିତ ଅନ୍ୟାନ୍ୟ ଖର୍ଚ୍ଚ ପରିଚାଳନା କରିବା ଏକ ବଡ଼ ଆହ୍ୱାନ ହୋଇଥାଏ । ମେଧାବୃତି ଏକ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଣାଳୀ ଭାବରେ କାର୍ଯ୍ୟ କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ ଏଭଳି ଦୈନନ୍ଦିନ ଆହ୍ୱାନ ବିଷୟରେ ଚିନ୍ତା ନକରି କେବଳ ପାଠପଢ଼ା ଉପରେ ଧ୍ୟାନ ଦେବାକୁ ସକ୍ଷମ କରିଥାଏ । ଏହି ମେଧାବୃତି କୌଣସି ଆଡ଼ମ୍ବର କିମ୍ବା ପ୍ରଚାର ବିନା କାର୍ଯ୍ୟ କରେ । ଏଥିପାଇଁ କୌଣସି ଆକର୍ଷଣୀୟ ଅଭିଯାନ କିମ୍ବା ସେଲିବ୍ରିଟିଙ୍କ ଦ୍ୱାରା ପ୍ରଚାର କରାଯାଏ ନାହିଁ । ବିଗତ ୧୨ ବର୍ଷ ମଧ୍ୟରେ, ୭୬୪ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଆଧାରରେ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଆନ୍ତର୍ଜାତିକ କଲେଜଗୁଡ଼ିକରେ ନାମ ଲେଖାଇବା ପାଇଁ ମନୋନୀତ କରାଯାଇଛି । ଅନେକ ଦୃଷ୍ଟିକୋଣରୁ, ଜାତୀୟ



ଶ୍ରୀ ସୁଧାଂଶ ପନ୍ଥ

ବିଦେଶୀ ଶିକ୍ଷାବୃତି ଯୋଜନା ପ୍ରତ୍ୟେକ ଛାତ୍ରଙ୍କୁ ପ୍ରଦାନ କରୁଥିବା ସହାୟତା ପାଇଁ ସ୍ୱତନ୍ତ୍ର ଅଟେ । ବିଶ୍ୱର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ହାସଲ କରୁଥିବା ଜଣେ ମେଧାବୀ ଛାତ୍ରଙ୍କ ପାଇଁ ଟ୍ୟୁସନ ଫି, ରହିବା ଖର୍ଚ୍ଚ, ବିମାନ ଯାତ୍ରା ଭଡ଼ା, ବୀମା ଏବଂ ପାଠ୍ୟକ୍ରମର ଅବଧି ମଧ୍ୟରେ ଅନ୍ୟାନ୍ୟ ଶିକ୍ଷାଗତ ଖର୍ଚ୍ଚକୁ ମିଶାଇ ମୋଟ ଆର୍ଥିକ ସହାୟତା ପ୍ରାୟତଃ ୧ କୋଟି ଟଙ୍କାରୁ ଅଧିକ ହୋଇଥାଏ ଏବଂ ଏହା ୨ କୋଟି ଟଙ୍କା ପର୍ଯ୍ୟନ୍ତ ମଧ ଯାଇପାରେ । ସାମାଜିକ ସ୍ତରରେ ଆଗକୁ ବଢ଼ିବାକୁ ଚାହୁଁଥିବା ପୃଷ୍ଠଭୂମିର କୌଣସି ଛାତ୍ରଙ୍କ ପାଇଁ ଏଭଳି ବିପୁଳ ପୁଞ୍ଜିନିବେଶ କରୁଥିବା ସରକାରୀ ମେଧାବୃତି କାର୍ଯ୍ୟକ୍ରମ ବିଶ୍ୱରେ ଖୁବ୍ କମ୍ ରହିଛି । ଏହି ସହାୟତାର ଗୁରୁତ୍ୱ କେବଳ ପ୍ରଦାନ କରାଯାଉଥିବା ଆର୍ଥିକ ସାହାଯ୍ୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା କେଉଁ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛି, ତାହା ଉପରେ ନିର୍ଭର କରେ । ଏହା ଏକ ଜାତୀୟ ପ୍ରତିବଦ୍ଧତାକୁ ଦର୍ଶାଏ, ଯାହା ସୁନିର୍ଶ୍ଚିତ କରେ ଯେ ଆର୍ଥିକ ସ୍ଥିତି ଯେପରି କେତେକ ନିର୍ଦ୍ଧିଷ୍ଟ ସମୁଦାୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସୁଯୋଗର ପଥକୁ ସୀମିତ ନକରେ । ବ୍ୟକ୍ତିଗତ ମାନବ ସାମର୍ଥ୍ୟ କ୍ଷେତ୍ରରେ ଶିକ୍ଷାଗତ ପୁଞ୍ଜିନିବେଶର ଏହା ଏକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱାକାଂକ୍ଷୀ ଉଦାହରଣ । ଅନୁସୂଚିତ ଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭାରତର ମେଧାବୃତି ବ୍ୟବସ୍ଥା, ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ବିଦେଶୀ ଶିକ୍ଷାକୁ ମଧ ଅନ୍ତର୍ଭୁକ୍ତ କରି ଏହି ଦୂରଦୃଷ୍ଟିକୁ ପ୍ରତିଫଳିତ କରିଥାଏ । ଏହା ସ୍ୱୀକାର କରେ ଯେ ସାମାଜିକ ଉତାନ ପାଇଁ ନିରନ୍ତରତା, ସ୍ଥିରତା ଏବଂ ଦୀର୍ଘସ୍ଥାୟୀ ସହାୟତା ଆବଶ୍ୟକ । ଅନେକ ଗାଁ ଏବଂ ଛୋଟ ସହରରେ, ଜଣେ ମେଧାବୀ ଛାତ୍ରର ସଫଳତା ସମ୍ପୂର୍ଣ୍ଣ ଏକ ପିଢ଼ିର ଚିନ୍ତାଧାରାକୁ ବଦଳାଇ ଦିଏ । ଜଣେ ସାନ ଭାଇ କିମ୍ବା ଭଉଣୀ ଅଧିକ ଆତ୍ମ ବିଶ୍ୱାସର ସହିତ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରେ । ଏକ ସମଗ୍ର ଗାଁ ଅନ୍ତର୍ଜାତୀୟ ଶିକ୍ଷାକୁ ଏକ ଅସମ୍ଭବ ସ୍ୱପ୍ନ ଭାବେ ନଦେଖି, ଏକ ସହଜ ସାଧ ଲକ୍ଷ୍ୟ ଭାବରେ ଦେଖିବାକୁ ଆରମ୍ଭ କରେ । ଅକ୍ସଫୋର୍ଡ, ଏମ୍ଆଇଟି କିମ୍ବା କଲମ୍ବିଆର ଶ୍ରେଣୀଗୃହ ଗୁଡ଼ିକ ଭାରତର ଗାଁ ଓ ଛୋଟ ସହର ଗୁଡ଼ିକ ଠାରୁ ଭୌଗୋଳିକ ଭାବେ ଦୂରରେ ଥାଇପାରେ; ତଥାପି, 'ଜାତୀୟ ବିଦେଶୀ ମେଧାବୃତି' ଭଳି ବୃତି ମାଧ୍ୟମରେ ଏହି ଦୂରତା ଧୀରେ ଧୀରେ କମିବାରେ ଲାଗିଛି । ଜାତୀୟ ବିଦେଶୀ ମେଧାବୃତି ପାଇଁ ଆବେଦନ ପ୍ରକ୍ରିୟା ସାମାଜିକ ନ୍ୟାୟ ଏବଂ ସଶକ୍ତି କରଣ ମନ୍ତ୍ରଣାଳୟଦ୍ୱାରା ପରିଚାଳିତ ହେଉଛି । ଯୋଗ୍ୟ ପ୍ରାର୍ଥୀମାନେ ଜାତୀୟ ମେଧାବୃତି ପୋର୍ଟାଲ ମାଧ୍ୟମରେ ୨ ଜୁନ୍ ୨୦୨୬ ସୁଦ୍ଧା ଆବେଦନ କରିପାରିବେ ।

(ଲେଖକ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗର ସଚିବ ଅଟନ୍ତି । ଏଠାରେ ପ୍ରକାଶିତ ମତାମତ ତାଙ୍କର ବ୍ୟକ୍ତିଗତ)

'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୁଂଟା(ନିପ୍ର): ମାନ୍ୟବର ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶାସନର ଦୁଇ ବର୍ଷ ଆଜି ପୂର୍ତି ହୋଇଛି । ଏହି ଅବସରରେ ଖୁଂଟା ବ୍ଲକ ଅନ୍ତର୍ଗତ ଡୁକୁରା ଏବଂ ବାସିପିଠା ଗ୍ରାମପଂଚାୟତରେ 'ବିକାଶର ଧାରା ଓଡ଼ିଶା ସାରା'ର ପଂଚାୟତ ସ୍ତରୀୟ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଡ଼ିଓ ସତ୍ୟଜିତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ, ମୁଖ୍ୟ ଅତିଥି ଭାବେ ଅଧକ୍ଷ ସୁଧନ୍ୟା ନାଏକ ଯୋଗ ଦେଇ, ଦୁଇଟି ଯାକ ପଂଚାୟତରେ ଆନୁଷ୍ଠାନିକ ଭାବେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଡୁକୁରା ପଂଚାୟତରେ ସରପଂଚ ସୁରଂଚି ବେହେରା, ପଂଚାୟତ ଅଧିକାରୀ ସନ୍ତୋଷ କୁମାର ଦାସ, ଆସିଷ୍ଟାଂଟ ଇଂଜିନିୟର ବିନୟଜ୍ୟୋତି ଲେଙ୍କା, ସି ଡ଼ି ପି ଓ ଶ୍ରୀମତୀ ସୁଜାତା ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି, ବିଭାଗୀୟ ଯୋଜନା ସଂପର୍କରେ ଲୋକ ମାନଙ୍କୁ ସଚେତନତା କରାଇଥିଲ । ବାସିପିଠା ପଂଚାୟତରେ ମଧ୍ୟ ସରପଂଚ ଜୟପାଲ ମାରାଣ୍ଡି, ପଂଚାୟତ ଅଧିକାରୀ ଶ୍ରୀ ଦାସ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡକ୍ଟର ରବିନ୍ଦ୍ର ସିଂ ଏବଂ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଲଗାଯାଇ ହିତାଧିାରୀମାନଙ୍କୁ ସେବା ଯୋଗାଇ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ୧୫ ଜଣ, ଆୟୁଷମାନ ବ୍ୟୋୟ ବନ୍ଦନା କାର୍ଡ ୩୫ ଜଣ, ଶୁଭଦ୍ରା ଶକ୍ତି ଯୋଜନାରେ ୧୫ ଜଣ, ଗୃହ ପ୍ରବେଶରେ ୧ ଜଣ ହିତାଧକାରୀଙ୍କୁ ସେବା ଯୋଗାଇ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋଟ ୧୦୩ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରି ଔଷଧ ବିତରଣ କରଯାଇଛି । ଡୁକୁରା ପଂଚାୟତରେ ମଧ୍ୟ ଅନୁରୂପ ଶତାଧିକ ହିତାଧିାରୀମାନେ, ବିଭିନ୍ନ ବିଭାଗରୁ ମିଳିଥିବା ସେବା ଗୁଡିକରୁ ଲାଭ ଉଠାଇଛନ୍ତି । ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ଶାସନ ପୂର୍ତି ଅବସରରେ 'ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ହିତାଧିକାରୀ ଅଧିକ ପାଂଚ କିଲୋଗ୍ରାମ ଚାଉଳ ପାଇବେ । ଯାହା ଫଳରେ ବ୍ଲକରେ ହଜାର ହଜାର ହିତାଧିକାରୀ ଉପକୃତ ହେବେ ।ପଂଚାୟତ ସ୍ତରରେ ଅନୁଷ୍ଠିତ ହେଉଥିବା ଏହି ହିତାଧିକାରୀ ସମ୍ମିଳନୀ ଗୁଡ଼ିକରେ ବହୁ ସଂଖ୍ୟାରେ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଛି ।

ପାରାଦୀପ ଟ୍ରେଲର ମିଳିତ ସମନ୍ୱୟ କମିଟିର ସାଧାରଣ ସଭା ଅନୁଷ୍ଠିତ

ପାରାଦୀପ(ନିପ୍ର): ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ଓନର୍ସ ଆସୋସିଏସନ, ପାରାଦୀପ ଟ୍ରେଲର ଓନର୍ସ ଆସୋସିଏସନ ଏବଂ ପ୍ରକୃତି କଂଟେନର କ୍ୟାରିଅର ଓନର୍ସ ଆସୋସିଏସନ ନେଇ ଗଠିତ ମିଳିତ ସମନ୍ୱୟ କମିଟି (ଜେସିସି) ର ଏକ ସାଧାରଣ ସଭା ସ୍ଥାନୀୟ ପୋର୍ଟ କ୍ଲବ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ କମିଟିର ସଭ୍ୟ ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କମିଟି ର ଅଧକ୍ଷ ପ୍ରକାଶ ତ୍ରିପାଠୀ ଯୋଗଦେଇ କହିଥିଲେ ଯେ ବର୍ତମାନ ଟ୍ରକ ପରିବହନ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଏବେ ପାରାଦୀପ ବନ୍ଦରରେ କଂଟେନର ପଣ୍ୟ ର ଚାହିଦା ବୃଦ୍ଧି ପାଇଛି । ସେହି ଦୃଷ୍ଟିରୁ ଆଗାମୀ ଦିନରେ ଟ୍ରେଲର ବ୍ୟବସାୟୀ ମାନେ ବେସ ଉପକୃତ ହେବେ ବୋଲି ସମନ୍ୱୟ କମିଟିର ଅଧକ୍ଷ ପ୍ରକାଶ ତ୍ରିପାଠୀ ସୂଚନା ଦେବା ସହ ଗାଡି ମାଲିକ ମାନେ ସ୍ୱାର୍ଥ ହାସଲ ପାଇଁ ନିଜ ମଧ୍ୟରେ ଏକତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ମଧ ପ୍ରାଚ୍ୟରେ ଯୁଧ ଚାଲୁଥିବା ହେତୁ ତେଲ ଦର ଅହେତୁକ ମାତ୍ରାରେ ବଢ଼ି ଚାଲିଥିବାରୁ ଗାଡି ଭଡା ବୃଦ୍ଧି ହେତୁ ସଂଘର ସଭ୍ୟ ତୁଷାରକାନ୍ତ ଭୋଇ ବର୍ଦ୍ଧିତ ମୂଲ୍ୟ ବିଷୟରେ ସଭାକୁ ଅବଗତ କାରାଇ ଥିଲେ । କମିଟିର କୋଷାଧକ୍ଷ ନଗେନ୍ଦ୍ର କୁମାର ରାଉତ ବାର୍ଷିକ ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ସେହିପରି ସଭ୍ୟ ମନୋଜ କୁମାର ସ୍ୱାଇଁ ସଂଘର ଭାଇଚାରା ଆଖୁର୍ଣ୍ଣ ରଖି କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତିନି ସଂଘର କର୍ମକର୍ତା ଆଲୋକ ରଞ୍ଜନ ଦାଶ, ଶ୍ରୀକାନ୍ତ କୁମାର ସାମଲ, ଅରୀକ୍ଷିତ ମାଝୀ, ଅରୁଣ କୁମାର ମଙ୍ଗରାଜ, ସତ୍ୟଜିତ ପ୍ରଧାନ, ଆଶୁତୋଷ ସ୍ୱାଇଁ, ନିରଂଜନ ବେହେରା, ଜୟପ୍ରକାଶ ସ୍ୱାଇଁ, ରବି ନାରାୟଣ ପ୍ରଧାନ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଶେଷରେ ଜେସିସି ର ସଭ୍ୟ କର୍ମେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

'ବିଶ୍ୱ ରକ୍ତଦାତା ଦିବସ-୨୦୨୬' ପାଳିତ

ବାରିପଦା(ନିପ୍ର): ପ୍ରତିବର୍ଷ ପରି ଏବର୍ଷ ମଧ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ବିଶ୍ୱ ରକ୍ତଦାତା ଦିବସ - ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି ଓ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାରସକଣା ବିଧାୟକ ଭାଦବ ହାଁସଦା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନୁର୍ଜୟ ମହାନ୍ତ ଯୋଗଦେଇ ଉଦ୍ଘାଟନ କରିଥିଲେ ଓ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶଶିକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନନ୍ଦା ମିଶ୍ର ଓ ଡାକ୍ତର ବିଜୟ କୁମାର ଦାସ ଏବଂ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ମଂଚାସୀନ ଥିଲେ । ଅତିଥିମାନେ ରକ୍ତଦାନର ମହତ୍ୱ ଏବଂ ଜୀବନ ରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଜିଲ୍ଲାରେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିରନ୍ତର ସହଯୋଗ କରିଆସୁଥିବା ୩୫ଜଣ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଏହି ଦିବସ ପରିପ୍ରେକ୍ଷୀରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ ଆୟୋଜିତ ହୋଇଥିଲା ଓ ସମାଜକୁ ଏକ ବାର୍ତା ଦେବା ଉଦ୍ଦେଶ୍ୟରେ ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକଙ୍କ ସମେତ ଡାକ୍ତରଖାନା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ଉତ୍ସାହର ସହିତ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଓ ଏହି ଶିବିରରୁ ସର୍ବମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଓ ବ୍ଲଡ୍ ବ୍ୟାଙ୍କର ମେଡିକାଲ ଅଫିସର ଡାକ୍ତର ନିଲେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ତଥା ରକ୍ତ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସୁପରିଚାଳନାରେ ଏହି ରକ୍ତଦାନ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

କେନାଲ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କୁ ମାଡ଼ ଓ ଜୀବନରୁ ମାରିଦେବା ଧମକ

ଧାମନଗର(ନିପ୍ର): ଧାମନଗର ବ୍ଲକରେ ଜନପ୍ରତିନିଧି ଙ୍କ ଦାଦାଗିରି ଚରମ ସୀମାରେ ପହଂଚିଛି । ରାଧାବଲ୍ଲଭପୁର ପଂଚାୟତର ସରପଂଚ ପ୍ରୀତମ ଦାସ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଣେ ଜଳସମ୍ପଦ ବିଭାଗର କର୍ମଚାରୀଙ୍କୁ ଅମାନୁଷିକ ଭାବେ ମାଡ଼ପିଟ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ମାମଲା ସାମ୍ନାକୁ ଆସିଛି । ସୁଚନା ଥାଉକି ଗତ ୮ ଜୁନ୍ (୨୦୨୬) ସକାଳ ପ୍ରାୟ ୯:୧୦ ସମୟରେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର ଅଫିସ କର୍ମଚାରୀ ରବୀନ୍ଦ୍ର କୁମାର ଲେଙ୍କା ପାଣ୍ଡୁ ବଜାର ୪ ନମ୍ବର କେନାଲ ନିକଟସ୍ଥ ମାଙ୍କିଡ଼ିଆ ଠାରେ ସରକାରୀ ଦାୟିତ୍ୱ ସମ୍ପାଦନ କରୁଥିଲେ । ଏହି ସମୟରେ ସରପଂଚ ପ୍ରୀତମ ଦାସ ସେଠାରେ ପହଂଚି ବେଆଇନ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ । ରବୀନ୍ଦ୍ର ଏହାକୁ ବିରୋଧ କରିବାରୁ ସରପଂଚ ଉଗ୍ରରୂପ ଧାରଣ କରି ତାଙ୍କୁ ସର୍ବସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଭାବେ ଆକ୍ରମଣ ଓ ମାଡ଼ପିଟ କରିଥିଲେ । ଏପରିକି ସେଠାରୁ ନ ଗଲେ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଥିଲେ । ଏହି ଘଟଣାକୁ ନେଇ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସରପଂଚଙ୍କ ବିରୋଧରେ କେସ ନମ୍ବର ୨୫୪ (ତା ୦୮/୦୬/୨୦୨୬) ରୁଜୁ କରି ତଦନ୍ତ ଚଳାଇଛି । ଅପର ପକ୍ଷେ ପ୍ରୀତମ ଦାସ ଙ୍କ ଅଭିଯୋଗ କ୍ରମେ ସେହିଦିନ କେଶ ନମ୍ବର୍ ୨୫୫/୨୬ ରେ ମଧ ଅଭିଯୋଗ କରିଛନ୍ତି । ପୋଲିସ ଉଭୟ ପକ୍ଷ ଅଭିଯୋଗ ରଖି ତଦନ୍ତ କରୁଛି । ଅପରପକ୍ଷେ କନିଷ୍ଠ ଯନ୍ତ୍ରୀ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସରପଂଚ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି । ସୂଚନାଯୋଗ୍ୟ ଯେ, ସରପଂଚ ପ୍ରୀତମ ଦାସଙ୍କ ଏଭଳି ଆଇନ ହାତକୁ ନେବା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ମଧ ତାଙ୍କ ନାମରେ ଧାମନଗର ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଛି, ଯାହା ବର୍ତମାନ ସ୍ଥାନୀୟ କୋର୍ଟରେ ବିଚାରାଧୀନ ଅଛି । ସେଗୁଡ଼ିକ ମଧ୍ୟରେ ୨୦୨୪ ମସିହାର ବେଆଇନ ଅଟକ ଓ ଅପରାଧିକ ଧମକ ମାମଲା (FIR No- ୪୦୪/୨୦୨୪) ଚୂଡ଼ାନ୍ତ ଫର୍ମ ପର୍ଯ୍ୟାୟରେ ଥିବା ବେଳେ, ୨୦୨୫ ମସିହାର ଅଶ୍ଳୀଳ ଗାଳିଗୁଲଜ ଓ ଜୀବନରୁ ମାରିବା ଧମକ ଭଳି ଆଉ ଏକ ଗୁରୁତର ମାମଲା (FIR No- ୧୨୭/୨୦୨୫) ବର୍ତମାନ କୋର୍ଟ ହାଜିରା (Appearance) ପର୍ଯ୍ୟାୟରେ ରହିଛି । ଏହି ଦୁଇଟିଯାକ ମାମଲାର ଶୁଣାଣି ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ଜଣେ ଦାୟିତ୍ୱବାନ ଜନପ୍ରତିନିଧି ହୋଇ ବାରମ୍ବାର ଆଇନକୁ ଫୁ କରିବା ଏବଂ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଉପରକୁ ହାତ ଉଠାଇବା ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ତୀବ୍ର ନିନ୍ଦା କରିଛନ୍ତି । ଏହି ନୂତନ ମାମଲା ପରେ ପୋଲିସ ସରପଂଚଙ୍କ ବିରୋଧରେ କିଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ତେବେ ଘଟଣା ର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି ।ପ୍ରକାଶ ଥାଉକି ଉକ୍ତ ଯନ୍ତ୍ରୀ ଜଣ ଙ୍କ ଅଧିକାଂଶ ସମୟରେ କାର୍ଯ୍ୟ ଉପରକୁ ନ ଆସି ବିଭିନ୍ନ ଦଲାଲ ଙ୍କ ଦ୍ୱାରା କାର୍ଯ୍ୟ କରୁଥିବାରୁ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି ।

ଝାରସୁଗୁଡ଼ା ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଭବ୍ୟ ଶୁଭାରମ୍ଭ; ୩ ଲକ୍ଷରୁ ଅଧିକ ହିତାଧିକାରୀ ପାଇବେ ଅତିରିକ୍ତ ମାଗଣା ଚାଉଳ

ଝାରସୁଗୁଡ଼ା,(ନି.ପ୍ର) ରାଜ୍ୟର ପ୍ରତ୍ୟେକ ଗରିବ ଓ ଅଭାବୀ ପରିବାର ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି କ୍ରମରେ ଆଜି ଝାରସୁଗୁଡ଼ା ସ୍ଥାନୀୟ ଏମ.ସି.ଏଲ୍ ଅଡିଟରିୟମ ପରିସରରେ ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଭବ୍ୟ ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ଜିଲ୍ଲାବାସୀ ଓ ଅତିଥିବୃନ୍ଦ ଆଭାସି ମାଧ୍ୟମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । ଏହି ମହତ ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଘରଝଇ) - ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ଚଗଏଇଣ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଝରଝଝ) ଅନ୍ତର୍ଗତ ସମସ୍ତ ଯୋଗ୍ୟ ରେସନ କାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ, ମାସିକ ହିତାଧିକାରୀ ପିଛା ଅତିରିକ୍ତ ୫

କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ବିନା ମୂଲ୍ୟରେ ବ[ନ କରାଯିବ । ଚଳିତ ଏପ୍ରିଲ ମାସ ୨୦୨୬ ମସିହାରୁ ଏହି ଯୋଜନା ଲାଗୁ କରାଯାଇଥିବାରୁ, ହିତାଧିକାରୀମାନେ ଏକକାଳୀନ ଏପ୍ରିଲ, ମେ ଏବଂ ଜୁନ୍-୨୦୨୬ ଏହି ତିନି ମାସର କୋଟା ହିତାଧିକାରୀ ପିଛା ମାସିକ ୫ କିଲୋଗ୍ରାମ ହିସାବରେ ସର୍ବମୋଟ ୧୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ । ସୂଚନା ଯୋଗ୍ୟ ଯେ, ଆମ ଜିଲ୍ଲାର ତଥ୍ୟକୁ ଦେଖିବା, ତେବେ ସମଗ୍ର ଜିଲ୍ଲାରେ ସର୍ବମୋଟ ୧୪୬ ଟି ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର କାର୍ଯ୍ୟ କରୁଛି । ଆମ ଜିଲ୍ଲାରେ ଏହି ଯୋଜନା ଦ୍ୱାରା--ଅଗ୍ରାଧିକାର ବର୍ଗ ବା ଚଐଐର ୧,୧୦,୧୫୦ ଟି ରାସନ କାର୍ଡ ଏବଂ ୩,୬୨,୨୨୬ ଜଣ ହିତାଧିକାରୀ -ଅନ୍ତ୍ୟୋଦୟ ଅନ୍ନ ଯୋଜନାର ୮,୩୭୬ ଟି ରାସନ କାର୍ଡ ଏବଂ ୨୦,୮୩୬ ଜଣ ହିତାଧିକାରୀ, ଏବଂ-ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ୨୮୨୦ ଟି ରେସନ କାର୍ଡ ଏବଂ ୫,୩୭୭ ଜଣ ହିତାଧିକାରୀ ଉପକୃତ ହେବେ ।ସର୍ବମୋଟ ଭାବେ ଆମ ଜିଲ୍ଲାର ୧,୨୧,୩୪୬ ଟି ରେସନ କାର୍ଡଧାରୀ ପରିବାରର ୩,୮୮,୪୭୯ ଜଣ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି ଏବଂ ଏଥିପାଇଁ ମାସିକ କୁଇ[ାଲରେ ସର୍ବମୋଟ ୨୧,୩୧,୩୭୫ କୁଇ[ାଲ ଚାଉଳ ବ[ନ କରାଯିବ ।ବରଗଡ଼ର ମାନ୍ୟବର ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ କହିଥିଲେ ଯେ, 'ସରକାରଙ୍କ ଦୁଇ ବର୍ଷ ପୂରଣ ଅବସରରେ ଓଡ଼ିଶାର ପ୍ରଗତି ପାଇଁ ଏକ ସ୍ପଷ୍ଟ ଲକ୍ଷ୍ୟ ଏବଂ ସେହି ଲକ୍ଷ୍ୟ ହାସଲ କରିବା ପାଇଁ ରୋଡମ୍ୟାପ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି । ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, 'ଆମ ଅଂଚଳର ସର୍ବାଙ୍ଗୀନ ବିକାଶ ଆମର ପ୍ରାଥମିକତା । ମଙ୍ଗଳ ବଜାର ସାଟେଲାଇଟ ହସ୍ପିଟାଲର ଆଧୁନିକୀକରଣ ହେଉ କିମ୍ବା ଜିଲ୍ଲାରେ 'ଗ୍ରେନ୍ ଏଟିଏମ୍' ର ପ୍ରତିଷ୍ଠା— ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଝାରସୁଗୁଡ଼ା ଆଜି ଏକ ନୂତନ ଗୌରବର ଅଧ୍ୟାୟ ରଚନା କରୁଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଜିଲ୍ଲାର କୌଣସି ଗରିବ ପରିବାରକୁ ଭୋକିଲା ରହିବାକୁ ଦେବ ନାହିଁ ।'ଏହି ଜିଲ୍ଲାସ୍ତରୀୟ ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ପେଶାଲ ଡେଭଲପମେ[କାଉନସିଲର ମାନ୍ୟବର ଅଧକ୍ଷ ଶ୍ରୀ ସାମଲ ନାୟକ, ଜିଲ୍ଲା ପରିଷଦର ସଭାନେତ୍ରୀ ଶ୍ରୀମତୀ ତୁଳାବତୀ ମିଞ୍ଜ, ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମଗ୍ର ସଫଳ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ପରିଚାଳନା କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ପରିଗଣନା ଫର୍ମ ବଂଟନ ଓ ଡିଜିଟାଇଜେସନ୍ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା

ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.): ଗଞ୍ଜାମ ଜିଲ୍ଲାରେ ଚାଲିଥିବା ପରିଗଣନା ଫର୍ମ (ରର) ବ[ନ ଓ ଡିଜିଟାଇଜେସନ୍ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି । ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର, ଏ ଇ ଆର ଓ ଏବଂ ଇ ଆର ଓ ମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ଫଳରେ ଏହା ସମ୍ଭବ ହୋଇପାରିଛି । ୧୨ ଜୁନ ୨୦୨୬ ତାରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ଜିଲ୍ଲାରେ ମୋଟ ୨,୯୯,୭୮୨ ଜଣ ଭୋଟରଙ୍କ ମଧ୍ୟରୁ ୨,୯୬,୯୨୯ ଜଣଙ୍କୁ ଏନ୍ୟୁମେରେସନ୍ ଫର୍ମ ବଂଟନ କରାଯାଇ ୯୯.୫୭ ପ୍ରତିଶତ ସଫଳତା ହାସଲ କରାଯାଇଛି ।

ଡିଜିଟାଇଜେସନ୍ କ୍ଷେତ୍ରରେ ମଧ୍ୟ ଜିଲ୍ଲା ଦ୍ରୁତ ଗତିରେ ଅଗ୍ରସର ହେଉଛି । ବର୍ତ୍ତମାନ ସୁଦ୍ଧା ୪୦,୬୯୪୦ ଟି ଫର୍ମ ଡିଜିଟାଇଜ୍ କରାଯାଇଛି, ଯାହା ମୋଟ ଭୋଟରଙ୍କ ୧୩.୫୭

ପ୍ରତିଶତ । ସେଥିମଧ୍ୟରୁ ୪୦,୬୪୨୭ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ସଫଳତାର ସହ ଯାଂଚ କରାଯାଇସାରିଛି । ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କ ମଧ୍ୟରେ ପୋଲସରା ୨୧.୯୯ ପ୍ରତିଶତ ଡିଜିଟାଇଜେସନ୍ ସହ ସର୍ବାଗ୍ରେ ରହିଛି । ଏହା ପଛକୁ ଭଞ୍ଜନଗର (୨୦.୪୫%), ସୁରଡ଼ା (୧୯.୦୯%), କବିସୂର୍ଯ୍ୟନଗର (୧୮.୨୭%) ଓ ଆସ୍କା (୧୬.୯୫%) ରହିଛନ୍ତି । ଅଧିକାଂଶ ନିର୍ବାଚନମଣ୍ଡଳୀରେ ଫର୍ମ ବ[ନ ହାର ୯୯ ପ୍ରତିଶତରୁ ଅଧିକ ରହିଛି । ଜିଲ୍ଲାରେ ୩,୧୨୪ ଜଣ ବିଏଲଓ କାର୍ଯ୍ୟରତ । ଜିଲ୍ଲାର ଶତ ପ୍ରତିଶତ ବି ଏଲ ଓଙ୍କ ପ୍ରଶିକ୍ଷଣ ସରିଛି । ଏହି ଅଗ୍ରଗତି ଭୋଟର ତାଲିକାକୁ ଅଧିକ ନିର୍ଭୁଲ, ସ୍ୱଚ୍ଛ ଓ ଅନ୍ତର୍ଭୁକ୍ତିମୂଳକ କରିବା ଦିଗରେ ଜିଲ୍ଲା ପ୍ରଶାସନର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଅବଶିଷ୍ଟ ଫର୍ମଗୁଡ଼ିକର ବ[ନ ଓ ଡିଜିଟାଇଜେସନ୍ କାର୍ଯ୍ୟକୁ ଆହୁରି ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରାମର୍ଶ ଦେଇଛନ୍ତି । ଭୋଟରମାନେ ନିଜ ନିଜ ଅଂଚଳର ବିଏଲଓଙ୍କ ସହ ଯୋଗାଯୋଗ କରି ପରିଗଣନା ଫର୍ମ ପୂରଣ ଓ ଦାଖଲ କରିବାକୁ ଜିଲ୍ଲାପାଳ ଗଞ୍ଜାମବାସୀଙ୍କୁ ଅନୁରୋଧ କରିଛନ୍ତି ।

ଆଇନ ଶୃଙ୍ଖଳା, ଅସହାୟ ଭତା ଓ ବିଜୁଳି ବିଭ୍ରାଟ ବିରୁଦ୍ଧରେ ସିପିଏମ ଜିଲ୍ଲା ବ୍ୟାପି ଆନ୍ଦୋଳନ କରିବ

ବ୍ରହ୍ମପୁର : ସିପିଏମର ଦୁଇ ଦିନିଆ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଜିଲ୍ଲାର ରାଜନୈତିକ ଓ ସାଙ୍ଗଠନିକ ଅବସ୍ଥା ସମ୍ପର୍କରେ ପର୍ଯ୍ୟାଲୋଚନା କରାଯାଇଥିଲା । ଶେଷରେ ବାର୍ଦ୍ଧକ୍ୟ ଭତା, ପେଟ୍ରୋଲ ଡିଜେଲ ଓ ଗ୍ୟାସର ଦର ବୃଦ୍ଧି,ବିଦ୍ୟୁତ ବିଭ୍ରାଟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦାବିରେ ଜିଲ୍ଲା ବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ସେହିଭଳି ମନରେଗାରେ କାମ, ଚାଷୀଙ୍କୁ

ସାର ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବା ପାଇଁ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବୀ କରାଯାଇଛି । ଏହି ବୈଠକରେ ରାଜ୍ୟର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ ଯୋଗଦେଇ ଜାତୀୟ ଓ ଆନ୍ତର୍ଜାତୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ।ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ ।ବୈଠକରେ ପାର୍ଟିର ବରିଷ୍ଠ ନେତା ରାମ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ ।

ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଢ଼ାଗଡ଼ିଆରେ ମେଧା ସମ୍ମାନ ସମାରୋହ

୩ ମ୍ୟାଟ୍ରିକ ଟପ୍ପରଙ୍କୁ ମିଳିଲା ସୁବାଷ-ନିରୂପମା ସମ୍ମାନ

ଖଇରା।(ନି.ପ୍ର.) ବାଲେଶ୍ୱର ଜିଲାର ଖଇରା ବ୍ଲକ ଗୋବିନ୍ଦପୁର ପ□ାୟତ ଅଧୀନ ବୁଢାଗଡିଆ ଠାରେ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଶୁକ୍ରବାର ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ସଂସଦର ସ୍ଥାୟୀ ସଭାପତି ତଥା ବିଶିଷ୍ଟ ସାହିତ୍ୟକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ଏଥିରେ ପୌରହତ୍ୟ କରିଥିଲେ । ପ୍ରଥମେ ଖଇରା ବ୍ଲକରେ ମ୍ୟାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ହିମାଂଶୁ ଘଡେଇ,ଦ୍ୱିତୀୟ ହୋଇଥିବା ତନ୍ମୟ ପୃଷ୍ଟି ଏବଂ ଚିନ୍ମୟ ବେହେରାଙ୍କୁ ସୁବାସ-ନିରୁପମା ସମ୍ମାନରେ ସମ୍ମାନୀତ କରାଯିବା ଅବସରରେ ମାନପତ୍ର, ଉତରୀୟ ଏବଂ ଆର୍ଥୀକ ସହାୟତା ରାଶି ପ୍ରଦାନ

କରାଯାଇଥିଲା । ସେହିଭଳି ଓଡିଶା ପ୍ରଶାସନିକ ସେବାରେ ଉ□ର୍ଣ୍ଣ ହୋଇଥିବା ବଟେଶ୍ୱର ଗ୍ରାମର ବିଶ୍ୱବିଜୟୀନୀ ଜେନାକୁ ସ୍ୱତନ୍ତ୍ର ଭାବେ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଯୁବ ନେତା ଅନନ୍ତ ପ୍ରସାଦ ବାରିକ,ସୁବାସ ଚନ୍ଦ୍ର ସାମଲ,ମନୋରଞ୍ଜନ ନାୟକ,ଶ୍ରୀଧର ନାୟକ,ପ୍ରଶାନ୍ତ ବାରିକ,ନାରାୟଣ ମହାକୁଡ,ରମାକାନ୍ତ ମହାନ୍ତି,ମନ୍ମଥ ସାମଲ,ଭାଗବାନ ସେଠୀ,ଶ୍ରୀଧର ସାମଲ,ସଞ୍ଜୁଲତା ବାରିକ ଓ ପଦ୍ମିନୀ ଜେନା ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଖଇରା ବ୍ଲକର ପ୍ରତିଭା ମାନେ ଖଇରା ମାଟିର ଗୌରବ ବଢାଇବାକୁ ଆହ୍ୱାନ ଦେଇଥିଲେ । ପଳାସପୁର ଅଙ୍ଗନୱାଡି କେନ୍ଦ୍ର ର କର୍ମୀ ସଞ୍ଜୁଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦର ସମସ୍ତ ସଭ୍ୟା ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବୋଲେରୋ ବାଇକ୍ ମୁହାଁମୁହିଁ ଧକ୍କା, ବାଇକ୍ ଚାଳକ ଗୁରୁତର

ସୋର, (ନି.ପ୍ର.): ସୋର ରେଳ ଓଭରବ୍ରିଜ ଉପରେ ବୋଲେରୋ ଏବଂ ବାଇକ ମୁହାଁମୁହିଁ ଧକା ହେବା ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।ଆଜି ସକାଳେ ଓଡି ୦୧ ଜି ୪୫୧୮ ନମ୍ବର ବିଶିଷ୍ଟ ଏକ ବୋଲେରୋ ଉତରେଶ୍ୱରରୁ ବଜାର ଅଭିମୁଖେ ଯାଉଥିବା ବେଳେ ରେଳ ଓଭରବ୍ରିଜ ଉପରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକା ହୋଇଥିଲା । ଫଳରେ ବାଇକ ଚାଳକ ଛତ୍ରପୁର ଗ୍ରାମରେ ଭଡାରେ ରହୁଥିବା ରବିରାଜ ସିନ୍ଧେ ଗୁରୁତର ଆହତ ହୋଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ରବିରାଜକୁ ସୋର ମେଡ଼ିକାଲରେ ଭର୍ତି କରିବା ସହିତ ବୋଲେରୋ ଏବଂ ବାଇକକୁ ଜବତ କରି ସୋର ଥାନାକୁ ଆଣିଥିଲେ । ସୋର ମେଡ଼ିକାଲରେ ରବିରାଜର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଛନ୍ତି ।

ମନ୍ଦିରରୁ ଚୋରି, ଥାନାରେ ଅଭିଯୋଗ

ସୋର,(ନି.ପ୍ର.)ସବିରା ପଂଚାୟତ ସବିରା ଗ୍ରାମରେ ଗତ କିଛି ଦିନ ତଳେ ପତ୍ରଶୁଣି ମନ୍ଦିର ସମେତ ୩ଟି ମନ୍ଦିର ଚୋରି ହୋଇଥିବା ବେଳେ ଗତକାଲି ରାତିରେ ପଂଚାୟତର ଅଗପଡା ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି । ଆଜି ସକାଳେ ମନ୍ଦିରର ପୂଜକ ଅନିରୁଦ୍ଧ ଦୀକ୍ଷିତ ମନ୍ଦିର ପୂଜା ପାଇଁ ଆସିବା ପରେ ମନ୍ଦିର ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏ ବାବଦରେ ଗ୍ରାମବାସୀଙ୍କୁ ଜଣାଇବା ସହ ସୋର ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଗତ କିଛିଦିନ ମଧ୍ୟରେ ସୋରରେ ଚୋରମାନେ ସକ୍ରିୟ ହୋଇଥିବାରୁ ଲୋକଙ୍କ ମନରେ କୁକୁଆ ଭୟ ସୃଷ୍ଟି ହୋଇଛି ।

ଘର ତାଲା କାଟି ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା-ରୁପା ଅଳଙ୍କାର ଲୁଟ୍, ସାଇଂଟିଫିକ୍ ଟିମ୍‌ର ତଦନ୍ତ

ଧାମନଗର,(ନି.ପ୍ର.) ବୁଧବାର ବିଳମ୍ବିତ ରାତିରେ ଧାମନଗର ଥାନା କରଦା ପଂଚାୟତ ନନ୍ଦିପୁର ସ୍ଥିତ ଚଷାଖଣ୍ଡ ଗ୍ରାମରେ ଏକ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତମାନେ ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଏକ ବନ୍ଦ ଘରୁ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି । ଖବରରୁ ପ୍ରକାଶ ଯେ, ଚଷାଖଣ୍ଡ ଗ୍ରାମର ନବ କିଶୋର ସାମଲଙ୍କ ପରିବାରର ସଦସ୍ୟମାନେ ବାହାରେ ରହୁଥିବା ବେଳେ ଘରେ କେବଳ ବଡ଼ ବୋହୂ ସାଗରିକା ସାମଲ ଘରେ ରହୁଥିଲେ ।ଗ୍ରୀଷ୍ମ ଛୁଟି ପାଇଁ ସାଗରିକା ନିଜ ବାପଘରକୁ ଯାଇଥିଲେ । ଏହି ସୁଯୋଗରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତମାନେ ଘରର ମୁଖ୍ୟ ପ୍ରବେଶ ଦ୍ୱାର ସମେତ ସମସ୍ତ ରୁମ ର ତାଲା କାଟି

ଭିତରେ ପଶିଥିଲେ । ସେଠାରେ ଥିବା ଆଲମିରା ଭାଙ୍ଗି ସେଥିରୁ ୨ ଟି ସୁନା ହାର, ଗୋଟିଏ ଚିକ ହାର, ୪ଟି ମୁଦି, ୪ ହଳ ସୁନା ଶଙ୍ଖା, ପ୍ରାୟ ୨୦୦ ଗ୍ରାମରୁ ଅଧିକ ରୁପା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଚୋରି କରି ଚମ୍ପଟ ମାରିଥିଲେ । ଗୁରୁବାର ସକାଳେ ଘରର ତାଲା ଭଙ୍ଗା ଯାଇଥିବା ଦେଖି ଗ୍ରାମବାସୀମାନେ ଏ ସମ୍ପର୍କରେ ବୋହୂ ସାଗରିକା ଙ୍କୁ ଜଣାଇଥିଲେ । ସେ ତୁରନ୍ତ ଘରକୁ ଫେରି ସମସ୍ତ ଜିନିଷପତ୍ର ଲୁଟ୍ ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ଗୁରୁବାର ଦିନ ସାଗରିକା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତି କରି ପୋଲିସ ଥାନା କେସ ନଂ ୨୬୦/୨୬ ରେ ରୁଜୁ କରିଥିଲେ ।ଘଟଣା ସ୍ଥଳୀରେ ଏସ ଡି ପି ଓ ବିଷ୍ଣୁ ଚରଣ ବାରିକ, ଥାନା ଅଧିକାରି ଶୁଭ୍ରଜିତ ଦାସ, ଏ ଏସ ଆଇ ସୁଜିତି ରାଉତ ସମେତ ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ସନ୍ଧାନୀ କୁକୁର ଓ ସାଇ[ଫିକ୍ ଟିମ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି । ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ବେଳେ, ଅଂଚଳରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ମହିଳା ସରପଂଚଙ୍କ ପ୍ରତି ଘଟିଥିବା ଅମାନବୀୟ ନିର୍ଯ୍ୟାତନାର ନ୍ୟାୟିକ ଯାଂଚ ଦାବି କଲା ଆମ୍ ଆଦ୍‌ମୀ ପାର୍ଟି

ଭୁବନେଶ୍ୱର: ଗତ ଜୁନ୍ ୧୧ତାରିଖ ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିଖିରୀ ପଂଚାୟତର ସରପଂଚ କୁମାରୀ ଚାମେଲି ଓଝା ପଂଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ନିମନ୍ତେ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ଏବଂ ସେଠାରେ ତାଙ୍କ ପଂଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବାର ଅଭିଯୋଗ କରୁଥିବା ବେଳେ ମହାକାଳପଡା ବିଧାୟକଙ୍କ ପ୍ରାୟ ୧୦/୧୫ ଜଣ ସମର୍ଥକ କୁମାରୀ ଓଝାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ । ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ନିର୍ବାଚିତ ସରପଂଚଙ୍କୁ ଏଭଳି ବିଧାୟକଙ୍କ ସମର୍ଥକ ଗୁଣ୍ଡା ବାହିନୀଙ୍କର ଆକ୍ରମଣ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଏଭଳି ଘୃଣ୍ୟ ଘଟଣାକ୍ରମ ପଛରେ ବିଡ଼ିଓଙ୍କର ଦୃଢ଼ ସମର୍ଥନ ରହିଥିବାର ସରପଂଚ କୁମାରୀ ଚାମେଲି

ଓଝା ଅଭିଯୋଗ କରିଛନ୍ତି । କେବଳ ଏତିକି ନୁହେଁ ଗୁଣ୍ଡାମାନେ ତାଙ୍କୁ ହତ୍ୟା ଓ ଧର୍ଷଣ କରିବାର ଧମକ ଦେଉଥିଲେ ସୁଦ୍ଧା ପୋଲିସ୍ ସେଠାରେ ନୀରବ ଦ୍ରଷ୍ଟା ସାଜିଥିଲା । ଏହି ସବୁ ଘଟଣାକୁ ଚାମେଲି ଓଝା ତାଙ୍କ ମୋବାଇଲ ଫୋନରେ ରେକର୍ଡିଂ କରୁଥିଲାବେଳେ ପୋଲିସ୍ ଏବଂ ବିଧାୟକଙ୍କ ଗୁଣ୍ଡା ତାଙ୍କ ଠାରୁ ବଳ ପୂର୍ବକ ମୋବାଇଲ ଫୋନ ଛଡାଇ ନେବାକୁ ଉଦ୍ୟମ କରିଥିଲେ । ପରେ ପୋଲିସ୍ ତାଙ୍କୁ ଏବଂ ତାଙ୍କ ଭାଇଙ୍କୁ ଥାନାକୁ ବଳ ପୂର୍ବକ ନେଇଯାଇଥିଲେ । ଥାନାରେ ତାଙ୍କୁ ପୋଲିସ୍ ଦୁର୍ବ୍ୟବହାର କରିବା ସହ ୩ ଜଣ କନେଷ୍ଟବଳ ତାଙ୍କୁ ଛାତି ଓ ପିଠିରେ ମାଡ ମାରିଥିବାର କୁମାରୀ ଓଝା ସଙ୍ଗୀନ ଅଭିଯୋଗ କରିଥିଲେ ।ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ପ୍ରତି ପୋଲିସର ଏଭଳି ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନକୁ ଆମ୍ ଆଦ୍ ?ମୀ ପାର୍ଟି କଡ଼ା ଶବ୍ଦରେ ନିନ୍ଦା କରୁଛି । ବିଡ଼ିଓଙ୍କ ଉପସ୍ଥିତିରେ ଜଣେ ମହିଳାଙ୍କ ପ୍ରତି ବିଧାୟକଙ୍କ ପୋଷା ଗୁଣ୍ଡାମାନଙ୍କର ଏତାଦୃଶ ଦୌରାତ୍ମ୍ୟ ସମଗ୍ର ସରକାରୀ କଳର ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଦେଇଛି । ମହିଳା ବନ୍ଦନ ନାମରେ ସରକାରଙ୍କ ଦୋମୁହାଁ ନୀତିର ପର୍ଦ୍ଦାଫାଶ ହୋଇଥିବାର ଆମ୍ ଆଦ୍ ?ମୀ ପାର୍ଟି ସ୍ପଷ୍ଟ କରିଛି । ସିଧାସଳଖ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିଲେ ସୁଦ୍ଧା ସରକାର ବିଧାୟକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଜଣେ କର୍ତ୍ତବ୍ୟନିଷ୍ଠ ମହିଳା ସରପଂଚଙ୍କୁ ଗିରଫ କରି ନିର୍ଯାତନା ଦେବା ପ୍ରଶାସନ ଓ ପୋଲିସର ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି କରିଛି । ଆମ୍ ଆଦ୍ ?ମୀ ପାର୍ଟି ତରଫରୁ ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ର ପ୍ରେସ୍ ବିବୃତି ଜରିଆରେ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରି ସଂପୃକ୍ତ ମହିଳା ସରପଂଚଙ୍କ ପ୍ରତି ହୋଇଥିବା ଆକ୍ରମଣରେ ସଂଶ୍ଳିଷ୍ଟ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ସହରାଂଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରିତା କାର୍ଯ୍ୟକର୍ମ

ନୂଆପଡ଼ା, (ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷ ରୁ ସହରାଂଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରିତା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଖଡ଼ିଆଳ ୱାର୍ଡ ନମ୍ବର ୨ ପବ୍ଲିକ ସ୍କୁଲ ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ବେଳେ ଖଡ଼ିଆଳ ଏନ ସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା,ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଲୋକଙ୍କ ସମସ୍ୟା ଓ ତାର ସମାଧାନ

ଉପରେ ଗୁରୁତ୍ୱ ଦେଇଥିବା ବେଳେ ସରକାରଙ୍କ ଜନ୍ କଲ୍ୟାଣ କାରି ଯୋଜନା ଉପରେ ଲୋକଙ୍କୁ ବୁଝାଇବା ସହ ତାର ସୁଫଳ ନେବାକୁ ଆହ୍ୱାନ କରିଥିଲେ । ନୂଆପଡ଼ା ଜିଲ୍ଲାର ତିନି ଗୋଟି ବିଜ୍ଞାପିତ ଅଂଚଳ ପରିଷଦ ରେ ଗତ କାରି ୧୦ ଜୁନ ଠାରୁ ୨୩ ଜୁନ ପର୍ଯ୍ୟନ୍ତ ସହରାଂଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରିତା କାର୍ଯ୍ୟକର୍ମ ଅନୁଷ୍ଠିତ ହେବ । ପ୍ରତ୍ୟେକ ନାଗରିକ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ତାଙ୍କ ଅଂଚଳ ର ସମସ୍ୟା ଓ ସୁଧାର ର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେବାକୁ ଆହ୍ୱାନ କରିଛନ୍ତି । ବିଶେଷ କରି ଭତା ଯୋଜନା ରେ ଦେଖାଯାଇଥିବା ସମସ୍ୟା ଦେଖାଯାଇଥିବା ବେଳେ ଏହାର ସୁଧାର ଆସିବା ପାଇଁ ଅଧିକାରୀମାନେ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ନାଗରିକଙ୍କ ଉପସ୍ଥିତି ଏବଂ ତାଙ୍କ ସମସ୍ୟା ନେଇ ଗୁରୁତ୍ୱ ଦେଇଥିଲେ ।

ପଶୁ ଡାକ୍ତରଖାନାରେ ଡାକ୍ତରାଣୀଙ୍କ ସହ ଅନ୍ୟ ଜଣେ ଯୁବକକୁ ଅଟକ ରଖିଲେ ଗ୍ରାମବାସୀ

ସୋର, (ନି.ପ୍ର): ସୋର ପୌର ପାଳିକା ଅନ୍ତର୍ଗତ ମେଘମାଧବ ଗ୍ରାମରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ଜଣେ ପଶୁ ଡାକ୍ତରଙ୍କୁ ଅନ୍ୟ ଜଣେ ଯୁବକଙ୍କ ସହ ବନ୍ଧ କାର୍ଯ୍ୟାଳୟ ଭିତରେ ଦେଖି ଗ୍ରାମବାସୀମାନେ ଅଟକ ରଖିଥିବା ଜଣାପଡିଛି । ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ମେଘମାଧବ ଗ୍ରାମରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ଡାକ୍ତରାଣୀ ଜଣେ ବ୍ୟକ୍ତିଙ୍କ ସହ ଦୀର୍ଘସମୟ ଧରି ଡାକ୍ତରଖାନା ଭିତରେ କବାଟ ବନ୍ଦ କରି ରହିଥିଲେ । ଏବାବଦରେ ଗ୍ରାମବାସୀମାନେ ଜାଣିବା ପରେ ଅନ୍ୟ ଏକ ଚାବି ପକାଇ ସେମାନଙ୍କୁ ଅଟକ ରଖିଥିଲେ ।ଦୀର୍ଘ ସମୟ ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ଉଭୟଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ଏ ବାବଦରେ ଡାକ୍ତରାଣୀ ଜଣଙ୍କ ତାଙ୍କୁ ଗ୍ରାମବାସୀ ମାନେ ଅଟକ ରଖିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ତରଫରୁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି ।

ବ୍ରିକ୍ସ ଦେଶଗୁଡ଼ିକର କୃଷି ମନ୍ତ୍ରୀଙ୍କ ବୈଠକରେ ଅଧ୍ୟକ୍ଷତା କଲେ କେନ୍ଦ୍ର କୃଷିମନ୍ତ୍ରୀ

ଇନ୍ଦୋର : କୃଷି କାର୍ଯ୍ୟ ଗୋଷ୍ଠୀର ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ସମ୍ମିଳନୀ ଅଧିନରେ ବ୍ରିକ୍ସ ଦେଶଗୁଡ଼ିକର କୃଷି ମନ୍ତ୍ରୀଙ୍କ ଦୁଇ ଦିନିଆ ବୈଠକ ଆଜି ଶୁକ୍ରବାର ଦିନ ମଧ୍ୟପ୍ରଦେଶର ଇନ୍ଦୋରରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ-୨୦୨୬ ଅଧିନରେ ତିନି ଦିନ ପାଇଁ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧିଙ୍କ ବୈଠକ ପରେ ଆରମ୍ଭ ହୋଇଛି । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି, ଖାଦ୍ୟ ସୁରକ୍ଷା ଏବଂ ନିରନ୍ତର କୃଷି ବିକାଶ ପାଇଁ ସହଭାଗୀ ବିଶ୍ୱସ୍ତରୀୟ ସହଯୋଗ ଉପରେ ଫଳପ୍ରଦ ଆଲୋଚନା ହୋଇଥିଲା । ଏହି ବୈଠକରେ କେନ୍ଦ୍ର କୃଷି ମନ୍ତ୍ରୀ ଚୌହାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ବସୁଧୈବ କୁଟୁମ୍ବକମ୍' ମନ୍ତ୍ର ସହିତ ବିଶ୍ୱସ୍ତରୀୟ ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରିଥିଲେ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସଶକ୍ତିକରଣ, ପ୍ରାକୃତିକ କୃଷି ଏବଂ କୃଷି କ୍ଷେତ୍ରରେ ସାଧାରଣ ଆହ୍ୱାନର ମୁକାବିଲା ପାଇଁ ସହଯୋଗ ଏବଂ ସମନ୍ୱୟ ଉପରେ ସେ ଭାରତର ଦୃଷ୍ଟିକୋଣ ବାଂଟିଥିଲେ ।

ଓଡ଼ିଶା ଛୁଇଁଲା ମୌସୁମୀ, କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଜାରି

ଭୁବନେଶ୍ୱର : ଓଡ଼ିଶାରେ ପ୍ରବେଶ କଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ଉତର ଓଡ଼ିଶା ଦିଗରୁ ରାଜ୍ୟରେ ପ୍ରବେଶ କଲା ମୌସୁମୀ । ଏନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ମୌସୁମୀ ଆସିବା ପୂର୍ବରୁ ମଧ୍ୟ ରାଜ୍ୟର କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହେଉଛି । ଆସନ୍ତା ୧୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ବର୍ତମାନ ରାଜ୍ୟରେ କାଳବୈଶାଖୀ ଜାରି ରହିଥିବାବେଳେ ଦିନବେଳା ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ମୌସୁମୀ ଆସିବା ପରେ ଲୋକେ ଏଥିରୁ ଟିକେ ଆଶ୍ୱସ୍ତି ପାଇବେ ବୋଲି ଆକଳନ କରାଯାଉଛି । ଶନିବାରଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି । ହେଲେ, ୧୫ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ହେବା ନେଇ ସୂଚନା ଦିଆଯାଇଛି । ଶୁକ୍ରବାର ୧୧ ଜିଲାକୁ ଗରମ ଓ ଗୁଳୁଗୁଳି ନେଇ ଯେଲୋ ୱାର୍ନିଂ ଦିଆଯାଇଛି ।

ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାଙ୍କୁ କେଜି ରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ମାଗଣା କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାରେ କିଣ୍ଡରଗାର୍ଡେନ୍ (କେଜି) ଠାରୁ ସ୍ନାତକୋତର (ପିଜି) ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ମାଗଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ ଘୋଷଣା କରିଛନ୍ତି । ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି ଅବସରରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ବଡ଼ ଘୋଷଣା କରିଛନ୍ତି । ଯାହା ଲକ୍ଷ ଲକ୍ଷ ଗରିବ ଏବଂ ଅସହାୟ ପରିବାରର ପିଲାଙ୍କୁ ଉପକୃତ କରିବ । ଏବେ ସଭିଏଁ ପଢିବେ ଏବଂ ସଭିଏଁ ବଢିବେ । ଏହି ଐତିହାସିକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନଙ୍କୁ ଯେପରି ଶିକ୍ଷାରୁ ବଂଚିତ ହେବାକୁ ନ ପଡ଼େ, ସେଥିପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହା ଫଳରେ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀ ଅର୍ଥାଭାବର ଚିନ୍ତା ବିନା ଉଚ୍ଚଶିକ୍ଷା ଗ୍ରହଣ କରିପାରିବେ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ନୀତି କାର୍ଯ୍ୟକାରୀ ହେଲେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବ, ଯେଉଁଠାରେ KG ରୁ PG ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ମାଗଣା ହେବ । ସେ କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧୨୧ଟି ଜନକଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଂଚଳରେ ବିଦ୍ୟୁତ, ପାନୀୟ ଜଳ ଏବଂ ସଡ଼କ ଭଳି ମୌଳିକ ସୁବିଧା ପହଂଚାଇବା ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମତାନୁସାରେ, ଏହି ମାଗଣା ଶିକ୍ଷା ନୀତି ପରିବାରମାନଙ୍କ ଆର୍ଥିକ ଭାର କମାଇବା ସହ ରାଜ୍ୟର ଯୁବପିଢ଼ିକୁ ସଶକ୍ତ କରିବ ଏବଂ ଓଡ଼ିଶାର ଦୀର୍ଘମିଆଦି ବିକାଶରେ ସହାୟକ ହେବ । ମୁଖ୍ୟମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ତାଙ୍କ ସରକାରଙ୍କ ଲକ୍ଷ୍ୟ ହେଉଛି ଶିକ୍ଷାକୁ ସମସ୍ତଙ୍କ ପାଇଁ ଅଧିକାର କରିବା, କିଛି ଲୋକଙ୍କ ପାଇଁ ସୁବିଧା ନୁହେଁ । ସେ କହିଛନ୍ତି ଯେ ଏହି ନିଷ୍ପତି ରାଜ୍ୟର ଯୁବପିଢ଼ିର ମୂଳଦୁଆକୁ ମଜବୁତ କରିବ ଏବଂ ଦୀର୍ଘକାଳୀନ ବିକାଶରେ ଯୋଗଦାନ ଦେବ ।

ସ୍ୱତନ୍ତ୍ର ସଘନ ସଂଶୋଧନର ୧୪ ଦିନରେ ୯୭.୬୩ ପ୍ରତିଶତ ଫର୍ମ ବଂଟନ ଶେଷ

SIR

ଭୁବନେଶ୍ୱର : ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏକ ପ୍ରମୁଖ ମାଇଲଖୁଂଟ ହାସଲ କରିଛି । ମାତ୍ର ୧୪ ଦିନ ମଧ୍ୟରେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ସଂଖ୍ୟାର ୯୭.୬୩ ପ୍ରତିଶତ ଫର୍ମ ବଂଟନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଏହି ବ୍ୟାପକ ସଂଶୋଧନ ଅଭିଯାନ ସମୟରେ ବର୍ତମାନ ସୁଦ୍ଧା ରାଜ୍ୟର ସର୍ବମୋଟ ୩କୋଟି ୨୬ ଲକ୍ଷ ୮ ହଜାର ୨୬୨ ଜଣ ଭୋଟରଙ୍କୁ ସଂଶୋଧନ ସମ୍ବନ୍ଧୀୟ ଫର୍ମ ବଂଟନ କରାଯାଇ ସାରିଛି । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ତଥ୍ୟ ପୂରଣ ପରେ ନିଜେ ଅପଲୋଡ ମଧ୍ୟ କରିପାରିବେ ।

ନିଟ୍ ପରୀକ୍ଷା ପ୍ରସ୍ତୁତି ବୈଠକରେ ସମୀକ୍ଷା କଲେ ଏନ୍‌ଟିଏ ଡିଜିଙ୍କ ସହ କ୍ୟାବିନେଟ ସଚିବ ଡକ୍ଟର ଟି. ଭି. ସୋମନାଥନ

ନୂଆଦିଲ୍ଲୀ : ପୁନଃପରୀକ୍ଷା ଆୟୋଜନରେ ନିରପେକ୍ଷତା ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରାଯିବ; ଏଥିରେ କୌଣସି ପ୍ରକାର ବାଧା ସୃଷ୍ଟି କିମ୍ବା ଜାଲିଆତି ଅଥବା ସମସ୍ୟା ଉପୁନ୍ନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଚେତାବନୀ ଦେଲେ କ୍ୟାବିନେଟ ସଚିବ । କ୍ୟାବିନେଟ ସଚିବ ଡକ୍ଟର ଟି.ଭି. ସୋମନାଥନ ଆଜି ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ)ର ମହାନିର୍ଦ୍ଦେଶକଙ୍କ ସହ ଏକ ବୈଠକରେ ନିଟ୍ପୁନଃପରୀକ୍ଷା ଆୟୋଜନ ପାଇଁ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ, କ୍ୟାବିନେଟ୍ ସଚିବ ସମସ୍ତ ସମ୍ପୃକ୍ତ ଅଂଶୀଦାରଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ମାଧ୍ୟମରେ ପୁନଃପରୀକ୍ଷାର ଆୟୋଜନକୁ ସୁଗମ, ସ୍ୱଚ୍ଛ ଏବଂ ସୁରକ୍ଷିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ନିଟ୍ପୁନଃପରୀକ୍ଷା ୨୧ଜୁନ୍, ୨୦୨୬ରେ ଅନୁଷ୍ଠିତ ହେବ । କ୍ୟାବିନେଟ ସଚିବ କହିଛନ୍ତି ଯେ ନିଟ୍ପୁନଃପରୀକ୍ଷାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି । ପୁନଃପରୀକ୍ଷା ଆୟୋଜନରେକୌଣସି ପ୍ରକାର ବାଧା ସୃଷ୍ଟି କିମ୍ବା ଜାଲିଆତି ଅଥବା ସମସ୍ୟା ଉପୁନ୍ନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରୀ ସୋମନାଥନ ୧ ଜୁନ୍, ୨୦୨୬ରେ କେନ୍ଦ୍ର ସରକାରଙ୍କ ସଚିବ ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହିତ ପରୀକ୍ଷା ଆୟୋଜନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ପରବର୍ତୀ ସମୟରେ, ୪ ଜୁନ୍, ୨୦୨୬ରେ, ସେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବମାନଙ୍କ ସହିତ ପରୀକ୍ଷା ଆୟୋଜନ ବ୍ୟବସ୍ଥାର ପ୍ରସ୍ତୁତି ଏବଂ ପ୍ରଗତି ମୂଲ୍ୟାଙ୍କନ କରିବା ପାଇଁ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ । ଏହି ବୈଠକଗୁଡ଼ିକର ଉଦ୍ଦେଶ୍ୟ ହେଉଛି ନିଟ୍ପୁନଃପରୀକ୍ଷା ପାଇଁ ପ୍ରଭାବଶାଳୀ ସମନ୍ୱୟ ସୁନିଶ୍ଚିତ କରିବା । ଏହାରପ୍ରସ୍ତୁତିକୁ ମଜବୁତ କରିବା ଏବଂ ପରୀକ୍ଷା ପ୍ରକ୍ରିୟାର ବିଶ୍ୱସନୀୟତା ବଜାୟ ରଖିବା ।

ଭାରତ ଇନୋଭେଟ୍ସ ରଣନୀତିକ ଦସ୍ତାବିଜ୍‌କୁ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ'ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ଜୁନ୍ ୧୪ ତାରିଖରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଶ୍ରୀ ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହେବାକୁ ଯାଉଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ । ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଆନ୍ତର୍ଜାତୀୟ ସ୍ୱୀକୃତି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶ କ୍ରମେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସିଥିବା ହଜାର ହଜାର ପ୍ରସ୍ତାବ ମଧ୍ୟରୁ ଯାଂଚ କରାଯାଇ ୧୨୦ଟି ପ୍ରତିଭାବାନ ନୂତନ ଷ୍ଟାର୍ଟଅପକୁ ଚୟନ କରାଯାଇଛି । ଏହି ଷ୍ଟାର୍ଟଅପଗୁଡ଼ିକ ୧୩ଟି ପ୍ରାଥମିକତା କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଦେଶର ୨୦ରୁ ଅଧିକ ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ଭାଗିଦାର ହୋଇଛନ୍ତି । ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱର ଅନେକ ଆର୍ଥିକ ପ୍ରତିଷ୍ଠାନ, ଆନ୍ତର୍ଜାତୀୟ କମ୍ପାନୀ ଏବଂ ବୁଦ୍ଧିଜୀବୀମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଏଠାରେ ଆଲୋଚନା ସହ ବ୍ୟବସାୟିକ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏହି ମଂଚରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଅଭିନବ ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ । ଭାରତ ତଥା ବିଶ୍ୱର ସାଧାରଣ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱଳ୍ପ ବ୍ୟୟସାପେକ୍ଷ, ଉଚ୍ଚ ଗୁଣବତାସମ୍ପନ୍ନ ଏବଂ ସହଜରେ ଉପଲବ୍ଧ ହୋଇପାରୁଥିବା ସମାଧାନ ପ୍ରସ୍ତୁତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ।

ଆଜି ଭାରତ-ଆଫଗାନିସ୍ତାନ ପ୍ରଥମ ଦିନିକିଆ ମ୍ୟାଚ୍

ଧର୍ମଶାଳା: ଭାରତ ଓ ଆଫଗାନିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଶନିବାରଠୁ ଆରମ୍ଭ ହେବ । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଧରମଶାଳାସ୍ଥିତ ହିମାଚଳପ୍ରଦେଶ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ମ୍ୟାଚ୍‌ରେ ଘରୋଇ ଦଳ ଏକାଧିକ ଖେଳାଳିଙ୍କୁ ପଦାର୍ପଣ ସୁଯୋଗ ଦେଇପାରେ । ଧରମଶାଳାରେ ନହେଲେ ବି ଶୃଙ୍ଖଳା ମଧ୍ୟରେ ଗୁରନୁର ବ୍ରାର, ହର୍ଷ ଦୁବେ ଓ ପ୍ରିନ୍ସ ଯାଦବ ନିଶ୍ଚିତ ଭାରତୀୟ ଦିନିକିଆ ଟୋପି ପିନ୍ଧି ପାରନ୍ତି । ଘରୋଇ ଦଳ ଏହି ଶୃଙ୍ଖଳାରେ ଅଭିଜ୍ଞ ବୋଲିଂ ଲାଇନ୍ ଏବଂ ବ୍ୟାଟିଂରେ ବିରାଟ କୋହଲି ଓ ଅଲରାଉଣ୍ଡର ହାର୍ଦିକ ପାଣ୍ଡ୍ୟାଙ୍କ ବିନା ଖେଳିବ । ତେଣୁ ଶୁବମନ ଗିଲ୍ ଏକ ଅନଭିଜ୍ଞ ଦଳକୁ ନେଇ ପଡ଼ିଆକୁ ଓହ୍ଲାଇଲେ ମଧ୍ୟ ଯୁବ ଖେଳାଳି ଚମତ୍କାରିତା ଦେଖାଇ ନିଜ ନିଜ ସ୍ଥାନ ପକ୍କା କରିବା ଆଶାରେ ରହିବେ । ଏହି ଶୃଙ୍ଖଳାରେ ୩୯ ବର୍ଷୀୟ ରୋହିତ ଶର୍ମାଙ୍କୁ ଫିଟ୍‌ନେସ୍ ଓ ନୀତୀଶ ରେଡ୍ଡୀଙ୍କୁ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପରୀକ୍ଷା ହେବ । ଅନ୍ୟପକ୍ଷରେ ଭାରତ ବିପକ୍ଷରେ ଆଫ୍‌ଗାନିସ୍ତାନ ପ୍ରଥମ ବିଜୟ ଆଶାରେ ରହିବ । ଉଭୟ ଦଳ ମୋଟ ୪ ଦିନିକିଆ ଖେଳିଥିଲା ବେଳେ ଭାରତ ୩-୦ରେ ଆଗରେ ରହିଛି । ଗୋଟିଏ ମ୍ୟାଚ୍ ଫଳଶୂନ୍ୟ ରହିଥିଲା । ହସ୍‌ମାତୁଲ୍ଲା ସାହିଦି ଭାରତରେ ଭାରତକୁ ହରାଇ ଇତିହାସ ରଚିବା ଯୋଜନାରେ ଅଛନ୍ତି । ଭାରତର ସମ୍ଭାବ୍ୟ ଏକାଦଶ: ରୋହିତ ଶର୍ମା, ଶୁବମନ ଗିଲ୍ (ଅଧିନାୟକ), ଇଶାନ କିଶନ, ଶ୍ରେୟସ ଆୟର, କେଏଲ୍ ରାହୁଲ (ଓ୍ୱିକେଟ୍‌କିପର), ନୀତୀଶ କୁମାର ରେଡ୍ଡୀ, ହର୍ଷ ଦୁବେ, ପ୍ରସିଦ୍ଧ କୃଷ୍ଣ, ପ୍ରିନ୍ସ ଯାଦବ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ । ଆଫଗାନିସ୍ତାନ ସମ୍ଭାବ୍ୟ ଏକାଦଶ: ରହମନୁଲ୍ଲା ଗୁରବାଜ (ଓ୍ୱିକେଟ୍‌କିପର), ଇବ୍ରାହିମ ଜଦ୍ରାନ, ସେଦିକୁଲ୍ଲା ଅଟଳ, ହସ୍ ?ମାତୁଲ୍ଲା ସାହିଦି (ଅଧିନାୟକ), ରହମତ ଶାହ, ଅଜମାତୁଲ୍ଲା ଓମାରଜାଇ, ମହମ୍ମଦ ନବି, ରସିଦ ଖାନ, ମହମ୍ମଦ ସଲିମ, ଏଏମ୍ ଘଜନଫର, ଜିଆଉର ରହମାନ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**